Source: Author, Digitized by PPRACHIN, SOA

ନାଟକ

ମୁକ୍ତି ମଶାଲ

ବସନ୍ତ କୁମାର ମହାପାତ୍ର

Source: Author, Digitized by PPRACHIN, SOA

· ସାଥୀ · ପ୍ରକାଶନ · କଟକ-୨ ଶ୍ରୀ

ପ୍ରଥମ ସଂସ୍କରଣ—୧୯୭୫

କେତନ ଆର୍ଟ ପ୍ରିଣ୍ଟର୍ସ, କଟକ-୧

ମୂଲ୍ୟ—୫.୦୦ [illegible] ଟଙ୍କା ମାତ୍ର

Source: Author, Digitized by PPRACHIN, SOA

ଜନତା ରଙ୍ଗମଞ୍ଚ ଦ୍ୱାରା ଅଭିନୀତ

ଶୁଭାରମ୍ଭ : ମୁକ୍ତିମଶାଲ

ତା ୧-୧୦-୭୩

ଭୂମିକାରେ :

ମିଷ୍ଟର ଥମାସ୍—ନଟବର

ମିଷ୍ଟର ଜନ୍—ଶ୍ରୀକାନ୍ତ

କର୍ଣ୍ଣେଲ ମାଇକେଲ—ସତ୍ୟ ସିଂ

କ୍ୟାପଟେନ ଜର୍ଜ—ରଜତ

ବୃଦ୍ଧ—ଉପେନ୍ଦ୍ର

ସେଣ୍ଟ୍ରୀ—ସୁଦର୍ଶନ

ବିବେକା—ଜାନକୀ

ନିର୍ଦ୍ଦେଶନା—ନିରଞ୍ଜନ ଶତପଥୀ

Source: Author, Digitized by PPRACHIN, SOA

ସାଥୀ ପକେଟ୍ ବୁକ୍ ସିରିଜ

ପ୍ରତ୍ୟେକ · ଏକଟଙ୍କା ପଚିଶ ପଇସା

ନର୍ବିଶଙ୍କ : ଭାନୁଚରଣ ମହାନ୍ତି
ମଙ୍ଗଳସୂତ୍ର : ସୁଗୀରଥ ନେପାଳ
ମିସ୍ ମିଲେ : ଅକ୍ଷୟକୁମାର ମହାନ୍ତି
ଶ୍ୱେତାଲିନା : ଯୋଗୀନ୍ଦ୍ର ପଟ୍ଟନାୟକ
ନର୍କ ଆଡ଼କୁ : ସହାଗ ସତ୍
କିଏ ଆପଣାର : ପ୍ରଫୁଲ୍ଲ ନାୟକ
ରଞ୍ଜନାର ହତ୍ୟା : ପଦ୍ମଚରଣ ମିଶ୍ର
କାହା ପାଇଁ ଆଉ : ଅକ୍ଷୟକୁମାର ମହାନ୍ତି
କିଏ ହତ୍ୟାକାରୀ : ରମେଶଚନ୍ଦ୍ର ମିଶ୍ର
ପଡ଼ିଯିବ କି ଆଉ : ପ୍ରଫୁଲ୍ଲ ନାୟକ
ଇସ୍କାପାନ୍ ଛକା : ଯୋଗୀନ୍ଦ୍ର ପଟ୍ଟନାୟକ
ମନ ଦେଇ ଯେବେ : ବ୍ରଜମୋହନ ଦାସ
ଚମ୍ବଲର ମଣିଷବାଘ : ରମେଶଚନ୍ଦ୍ର ମିଶ୍ର
କଲୋପାର ହଜାରିକା : ଅକ୍ଷୟକୁମାର ମହାନ୍ତି
ଜଜସାହେବଙ୍କ କୋଠି : ଯୋଗୀନ୍ଦ୍ର ପଟ୍ଟନାୟକ
ନିର୍ଜନ ଦ୍ୱୀପର ଦସ୍ୟୁ : ପ୍ରମୋଦକିଶୋର ପଣ୍ଡା
କାଳିତାଡ଼ର କ୍ୟାପସୁଲ୍ : ପ୍ରମୋଦକିଶୋର ପଣ୍ଡା
ହସେ ଆଜି ଜହ୍ନରାତି : ବ୍ରଜମୋହନ ଦାସ
ମାୟାଜାଲରେ ଜାୟା (୧) : ଗିରିଧାରୀ ମହାରଣା
ମାୟାଜାଲରେ ଜାୟା (୨) : ଗିରିଧାରୀ ମହାରଣା
ଚମ୍ବଲ ଉପତ୍ୟକାର ଦସ୍ୟୁ : ରାଜେନ୍ଦ୍ର ବର୍ମା
ନୀଳ ଆଲୋକରେ ହତ୍ୟା : ରମେଶଚନ୍ଦ୍ର ମିଶ୍ର
ଓଡ଼ିଶାର ମଣିଷଖିଆ ବାଘ : ଗଦାଧର ବସୁ
ଗୁପ୍ତକୋଠିର ଶେଷ ରହସ୍ୟ : ରମେଶଚନ୍ଦ୍ର ମିଶ୍ର
ଜେମ୍ସ ବଣ୍ଡ ଓ ନୀଳନୟନା : ଲକ୍ଷ୍ମୀନାରାୟଣ ମହାନ୍ତି

Source: Author, Digitized by PPRACHIN, SOA

ଏହି ନାଟକ ଜନତା ରଙ୍ଗମଞ୍ଚ ତରଫରୁ ୧୯୬୩ ମସିହାରେ ଅଭିନୀତ ହୋଇଥିଲା । ଏଥିରେ ଯେଉଁମାନେ ଅଂଶ ଗ୍ରହଣ କରିଥିଲେ, ସେମାନେ ହେଲେ :

ଶ୍ରୀ ନଟବର ସେଣ

ଶ୍ରୀ ରଜତକୁମାର ଶତପଥୀ

ଶ୍ରୀ ଖଗୁ ସିଂ

ଶ୍ରୀ ଉପେନ୍ଦ୍ର ସିହ୍ନା

ଶ୍ରୀ ଶରତ୍ ମହାନ୍ତି

ଶ୍ରୀମତୀ—

ନିର୍ଦ୍ଦେଶନା—ଶ୍ରୀ ନିରଞ୍ଜନ ଶତପଥୀ

ସଙ୍ଗୀତ—ରଘୁନାଥ

ଆଲୋକ—ଖଗୁ ସିଂ

ପ୍ରଯୋଜନା—ଶ୍ରୀ ପ୍ରଫୁଲ୍ଲକୁମାର ଶାସ୍ତ୍ରୀ

ଏହି ନାଟକ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ୍ କଲେଜରେ ମଞ୍ଚସ୍ଥ ହେଉଥିଲେ ମୁଖ୍ୟ ଅତିଥି ଭାବରେ ସେଦିନର ଦର୍ଶକମାନଙ୍କ ମଧ୍ୟରେ ଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମୁରାରିପ୍ରସାଦ ମିଶ୍ର ।

ଶ୍ରୀଯୁକ୍ତ ମୁରାରିପ୍ରସାଦ ମିଶ୍ର କେବଳ ସ୍ୱାସ୍ଥ୍ୟମନ୍ତ୍ରୀ ଭାବରେ ନୁହେଁ, ଜଣେ ବଶିଷ୍ଟ କଳାକାର ଭାବରେ ପଶ୍ଚିମ ଓଡ଼ିଶାରେ ସୁପରିଚିତ ।

ସେଦିନ ନାଟକ ଶେଷ ହେବା ପରେ ବ୍ୟକ୍ତିଗତ ଭାବରେ ସେ ମୋତେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଏକଶତ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ସେଇ ମୁହୂର୍ତ୍ତିଟି ମୋ ଜୀବନରେ ଏକ ଅବିସ୍ମରଣୀୟ ସନ୍ଧ୍ୟା ହୋଇ ରହିଯାଇଛି ।

—ଲେଖକ

Source: Author, Digitized by PPRACHIN, SOA

ଉତ୍ସର୍ଗ

ମୋର ଏକାନ୍ତ ଅନ୍ତରଙ୍ଗ ବନ୍ଧୁ
ଓଡ଼ିଶାର ବିଶିଷ୍ଟ ଶଲ୍ୟ ଚିକିତ୍ସକ ତଥା
କବି ଡାକ୍ତର ଶ୍ରୀ ଗଗନଚନ୍ଦ୍ର ମିଶ୍ରଙ୍କୁ...

ବସନ୍ତ

Source: Author, Digitized by PPRACHIN, SOA

ମୁକ୍ତି ମଶାଲ

ବିଂଶ ଶତାବ୍ଦୀର ସବୁଠାରୁ ବଡ଼ ଅଭିଶାପ ହେଉଛି ରାଜନୈତିକ ଅସ୍ଥିରତା । ମଣିଷ ଆଜି ବଡ଼ ନୁହେଁ—ବଡ଼ ହେଉଛି ତା'ର 'ରାଜନୈତିକ ମତବାଦ' ।

ଏହି ରାଜନୈତିକ ମତବାଦକୁ କେନ୍ଦ୍ର କରି ପ୍ରତି ଦେଶରେ କେତେ ବିଦ୍ରୋହ, ବିକ୍ଷୋଭ, ରକ୍ତାକ୍ତ ସଂଘର୍ଷ । ଏହିସବୁ ବିଶୃଙ୍ଖଳା ଆଉ ରକ୍ତଲିପ୍ସା ଦେଖି, ଯେଉଁ ମଣିଷ ଦିନେ ଗଣତନ୍ତ୍ରକୁ ରାମରାଜ୍ୟର ପାହାଚ ବୋଲି ଭାବୁଥିଲା, ସେ ଆଜି ଭାବୁଛି, ଗଣତନ୍ତ୍ର ହାର ମାନିଛି—ଗଣତନ୍ତ୍ର ଦ୍ୱାରା କୌଣସି ସମସ୍ୟାର ସମାଧାନ ହୋଇପାରିବ ନାହିଁ ।

ଆଜି ଦେଶରେ ଯେପରି ଭାବରେ ଦୁର୍ନୀତି ବଢ଼ିଚାଲିଛି, ଆମେ ସମସ୍ତେ ମଧ୍ୟ ଠିକ୍ ସେଇଆ ଭାବୁଛୁ, 'ଗଣତନ୍ତ୍ର ଦ୍ୱାରା ସତରେ କୌଣସି ସମାଧାନ ହୋଇପାରିବ ନାହିଁ ।' ତା'ହେଲେ, ସତରେ କ'ଣ ଆମେ ପୁଣି ସେଇ ଏକଛତ୍ରବାଦକୁ ଫେରିଯିବା ? ନା, ସାମରିକ ଶାସନକୁ ସ୍ୱାଗତ କରିବା ?

Source: Author, Digitized by PPRACHIN, SOA

ସତରେ କ'ଣ ଆପଣଙ୍କର ବିଶ୍ୱାସ ହେଉଛି ଯେ, ଏକଛତ୍ରବାଦ ବା ସାମରିକ ଶାସନ ଦେଶକୁ ସୁପଥରେ ପରିଚାଳିତ କରିପାରିବ ? ଦେଶରୁ ଦୁର୍ନୀତି ଦୂର କରିପାରିବ ? ନା, ପୁଣି ଏକଛତ୍ରବାଦର କଳା ପରଦା ତଳେ ଦୁର୍ନୀତି ପାଇବ ଅଧିକ ପ୍ରଶ୍ରୟ ?

ରାଜତନ୍ତ୍ର ନୁହେଁ··· ସାମରିକ ଶାସନ ନୁହେଁ···

ଗଣତନ୍ତ୍ର ନୁହେଁ··· ଏକଛତ୍ରବାଦ ନୁହେଁ ··

କେହି ଏ ଦେଶରୁ ଦୁର୍ନୀତି ଦୂର କରି ଦେଶକୁ କଳଙ୍କମୁକ୍ତ କରିପାରିବ ନାହିଁ—ଯେପର୍ଯ୍ୟନ୍ତ ଦେଶର ବ୍ୟକ୍ତିଚରିତ୍ର, ଜାତୀୟ ଚରିତ୍ର କଳଙ୍କମୁକ୍ତ ନ ହୋଇଛି । ଯେଉଁଦିନ ଏ ଦେଶର ପ୍ରତ୍ୟେକ ମଣିଷ ଅନ୍ତତଃ ଦେଶ ପାଇଁ ଭଲ ମଣିଷ ହେବାକୁ ଚେଷ୍ଟା କରିବ, ସେଇଦିନ ଆମେ ସବୁ ସମସ୍ୟାର ସମାଧାନ କରିପାରିବା ।

"ମୁକ୍ତମଶାଲ" ନାଟକଟି ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ହାଉସ୍ ସର୍ଜନ୍ ନାଟ୍ୟ ସଂସଦର ୧୯୬୯ ମସିହାର ଏକ ନବଜାତ ସନ୍ତାନ ।

ରାଜନୈତିକ ଦୃଷ୍ଟିକୋଣ ନେଇ ଲେଖା ହୋଇଥିବା ଏହି ନାଟକଟିକୁ ମେଡିକାଲ କଲେଜ ରଙ୍ଗମଞ୍ଚରେ ମଞ୍ଚସ୍ଥ କରି ଯେଉଁ ଡାକ୍ତର ବନ୍ଧୁମାନେ ବଳିଷ୍ଠ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଥିଲେ, ସେମାନଙ୍କ ନିକଟରେ ମୁଁ କୃତଜ୍ଞ ।

Source: Author, Digitized by PPRACHIN, SOA

ପ୍ରଥମ ଅଙ୍କ

[ସୀମାନ୍ତରେ ଗୋଟିଏ ଶ୍ରେଷ୍ଠ ସହର। ସେଠାକାର ଅଧିବାସୀମାନେ ପ୍ରାୟ ସମସ୍ତେ ଖ୍ରୀଷ୍ଟିଆନ। ଆଲୋକ ଝଲମଲ ବେଳକୁ ଦେଖାଗଲା ଗୋଟିଏ ଚର୍ଚ୍ଚ ଭିତରର ଦୃଶ୍ୟ। ପୃଷ୍ଠଭୂମିରେ ଉଚ୍ଚ ବେଦୀ ଉପରେ ପ୍ରଭୁ ଯୀଶୁଙ୍କର ମୂର୍ତ୍ତି କ୍ରସ୍ ଦେହରେ ଉଜ୍ଜ୍ୱଳ ଦେଖାଯାଉଛି। ଫୁଲ, ଧୂପ, ମହମବତୀ-ଆଲୋକିତ କକ୍ଷରେ ସ୍ୱର୍ଗୀୟ ମହିମା ବିରାଜମାନ କରୁଛି। ସେହି ଚର୍ଚ୍ଚର ଯୁବକ ଧର୍ମଯାଜକ ଡକ୍ତର ଜନ୍ ଚର୍ଚ୍ଚ ଘଣ୍ଟାରେ ଝୁଲୁଥିବା ଦଉଡ଼ିଟିକୁ ରହିରହି ଟାଣୁଥିବାର ଦେଖାଯାଉଛି। ଘଣ୍ଟାଟି ମଧ୍ୟ ରହି ରହି ବାଜୁଛି। ଏହି ସମୟରେ ବୃଦ୍ଧ ଧର୍ମଯାଜକ ଥମାସ୍ ବିରକ୍ତ ହୋଇ ପଶିଆସିଲେ।]

Source: Author, Digitized by PPRACHIN, SOA

ଅମାସ୍—ଛଅଟା ବାଜିଲା, କେହି ଆସିନାହାନ୍ତି ? କ'ଣ ହେଉଛି ? ରବିବାରଦିନ ଚର୍ଚ୍ଚର ଲୋକେ ପ୍ରେୟାର ଆଟେଣ୍ଡ କରିବାକୁ ଭୁଲିଗଲେ ? (ହଠାତ୍ ଜନ୍‌ଙ୍କୁ ଦେଖି) ଏ କ'ଣ ? ତୁମେ ନିଜେ ଘଣ୍ଟା ବଜାଉଛ ?

ଜନ୍—ଆଉ କେହି ନାହାନ୍ତି ।

ଅମାସ୍—ସେ ବୁଢ଼ାଟା ଗଲା କୁଆଡ଼େ ?

ଜନ୍—କୁଆଡେ ଯାଇଛି ।

ଅମାସ୍—କହିଯାଇଛି ?

ଜନ୍—ନା, ହଠାତ୍ ଅସୁସ୍ଥ ।

ଅମାସ୍—ହୁଁ, (ସରକରେ) ମରିବରେ ମରିବରେ ତା'ର ଏମିତ ଗୋଟାଏ ବାହାନା । ନା, ମୁଁ ତାକୁ ଏଥର କ୍ଷମା କରିବିନି ।

ଜନ୍—ଆସିଲେ ତା'ର ଅସୁବିଧା ନିଶ୍ଚୟ କହିବ ।

ଅମାସ୍—ନାଁ, ମୁଁ କିଛି ଶୁଣିବାକୁ ଚାହେଁନା । I will get him out of his job.

ଜନ୍—କିନ୍ତୁ ଲୋକଟା ବଡ଼ ନିରୀହ ।

ଅମାସ୍—ତୁମେ ତାକୁ ନିରୀହ କହୁଛ ! But, he is a rogue.

ଜନ୍—ମୋର କିନ୍ତୁ ତାକୁ ଦୟା ହୁଏ ।

ଅମାସ୍—ଦୟା ?

ଜନ୍—ଏଇ ଘଣ୍ଟାର ଦଉଡ଼ି ଟାଣି ଟାଣି ଲୋକଟା ଏଇଠି ସବୁ ଜୀବନ କଟେଇଦେଲା ।

ଅମାସ୍—ତା କାମ ପାଇଁ ସେ ମାସକୁ ମାସ ଦରମା ନଏ ।

ଜନ୍—ମିସନ୍ ତରଫରୁ ସାମାନ୍ୟ କେଇଟା ଟଙ୍କା...

ଅମାସ୍—ଦରମାର ପରିମାଣ ବଡ଼ କଥା ନୁହେଁ ।

Source: Author, Digitized by PPRACHIN, SOA

ଜନ୍—ନା, ବଡ଼ କଥା ତା'ର କର୍ତ୍ତବ୍ୟନିଷ୍ଠା । ଘରଦ୍ୱାର ପରିଷ୍କାର କରିବା, ବଗିଚ୍ଚ କାମ କରିବା, ଘଣ୍ଟା ବଜେଇବା ଛଡ଼ା ଆମମାନଙ୍କର ବ୍ୟକ୍ତିଗତ କାମ ମଧ୍ୟ ସେ କରୁଚ ।

ଅମାସ୍—ଆମମାନଙ୍କର ସେବା କରିବା ପବିତ୍ର କାର୍ଯ୍ୟ । ତା'ର ଜୀବନ ଧନ୍ୟ ହେଉଚ । ସ୍ୱର୍ଗକୁ ଯିବା ପଥ ପରିଷ୍କାର ହେଉଚ ।

ଜନ୍—ତା'ହେଲେ ଏ ସ ମାନ୍ୟ ଭୁଲ ପାଇଁ ସେ ଦଣ୍ଡ ପାଇବ କ ହିଁକି ?

ଅମାସ୍—(ସ୍ୱରନ୍ତରେ) ଓ, ସହାନୁଭୂତି ! All right. ତୁମେ ଯଦି ତା ଅନୁପସ୍ଥିତିରେ ତା କ ମ ଚଳେଇନଅ, ମୋର କିଛି କହିବାର ନାହିଁ । କିନ୍ତୁ ମନେରଖ, ଏୁକି କଜନା, ତୁମେ ପ୍ରିଷ୍ଟ ହବାର ଟ୍ରେନିଂ ନବାପାଇଁ ଏଠାକୁ ଆସିଚ । ତମର କାମ ଧର୍ମ ପ୍ରଚାର କରିବା, ପ୍ରାର୍ଥନା କରିବା ଆଉ confession ଶୁଣିବା···ଚର୍ଚ୍ଚର ଘଣ୍ଟା ବଜେଇବା ନୁହେଁ ।

ଜନ୍—ଅସୁବିଧା ସୁବିଧାବେଳେ କାହାର କାମ ତୁଳେଇନେବା ତ ଅନ୍ୟାସ୍ନ ନୁହେଁ । ପ୍ରଭୁ ଯୀଶୁଙ୍କର ଏଇ ପବିତ୍ର ପୂଜାବେଦୀ ଆଗରେ କୌଣସି କାର୍ଯ୍ୟକୁ ମୁଁ ଶ୍ରେଷ୍ଠ ମନେକରେନ ।

ଅମାସ୍—ଆଶ୍ଚର୍ଯ୍ୟ !

ଜନ୍—ପିଲାଦିନୁ ଚର୍ଚ୍ଚର ଏଇ ଘଣ୍ଟାଟାହିଁ ମୋ ପାଇଁ ଥିଲା ଏକ ଆଶ୍ଚର୍ଯ୍ୟ ।

ଅମସ୍—ପିଲାଦିନୁ ?

ଜନ୍—ହଁ, ସ୍କୁଲ ଯିବା ବାଟରେ ଦେଖାଯାଏ ସକାଳ କୁହୁଡ଼ିର ଝିଣ ପରଦା ଦେଇ ପାଇନ୍ ଗଛ ଫେସ୍ ଚର୍ଚ୍ଚର ଗୁଭଟା । ତା' ଉପରେ ଚର୍ଚ୍ଚର ବଡ଼ ଘଣ୍ଟାଟା ଠନ୍ ଠନ୍ ହୋଇ ବାଜୁଥାଏ । ସେଇ ଧ୍ୱନି ଭିତରେ ଥାଏ ଗୋଟାଏ ଶିହରଣ···ଗୋଟାଏ ସ୍ୱେମାଞ୍ଚ ।

ଅମସ୍—ରୋମାଞ୍ଚ ?

ଜନ୍—ହଁ, ଯିମିତି ସେ ମତେ ଡାକୁଚ···ଖୁବ୍ ନିକଟରୁ ଡାକୁଚ । ଦିନେ କଉତୁହଳରେ ଲୁଚ ଲୁଚ ଆସି ସେଇ ଘଣ୍ଟାର ଦଉଡ଼ିଟା ଟାଣିଦେଲି । ଖୁବ୍

Source: Author, Digitized by PPRACHIN, SOA

ଜୋରରେ ସେ ଚିତ୍କାର କରିଉଠିଲା । ଉତ୍ସୁକରେ ଦଉଡ଼ି ଗଲି ମୁଁ ପହଞ୍ଚି-ଯାଉଥିଲି । ହଠାତ୍ ଦେଖିଲି ମୋ ଆଗରେ ପ୍ରିଷ୍ଟ ହାଇଲାସମ । ଧଳା ଦାଢ଼ି ଆଉ ସାଦା ପୋଷାକ ଭିତରେ ମୁହଁରେ ତାଙ୍କର ଲାଗିରହିଥିଲା ଟିକିଏ ମିଠା ହସ । ସେ କହିଲେ—ଘଣ୍ଟା ବଜେଇବାକୁ ଯଦି ତୁମକୁ ଭଲ ଲାଗୁଚି, ତେବେ ପ୍ରତି ରବିବାର ସକାଳେ ଏଇ ଚର୍ଚ୍ଚକୁ ଆସି ବଜେଇଯାଅ ।

ଥମାସ୍—ତା' ପରେ ପ୍ରତି ରବିବାର···

ଜନ୍—ହଁ, ପ୍ରତି ରବିବାର ମୋ କାମ ହେଲା ଚର୍ଚ୍ଚକୁ ଆସି ଘଣ୍ଟା ବଜେଇବା । ଆଜି ମୁଁ ପ୍ରିଷ୍ଟ ହୋଇଚି । ତଥାପି, ଏଇ କାମ ମୋ ପାଇଁ ଅନ୍ତରର ଏକ ରୋମାଞ୍ଚକର ଅନୁଭୂତି ।

ଥମାସ୍—ଏ ସବୁ ଅର୍ଥହୀନ ଭାବପ୍ରବଣତା ଛାଡ଼ି ନିଜର ସମ୍ମାନ ପ୍ରତି ସଚେତ ହୁଅ ।

ଜନ୍—ଦୀନଦୁଃଖୀ ଜନତାର ମୁଁ ଜଣେ ସେବକ । ଅଯଥା ସମ୍ମାନ ମୁଁ ଆଶା କରେନା ।

ଥମାସ୍—ରୋମ୍‌ର ଯେଉଁ ଶିକ୍ଷା ଅନୁଷ୍ଠାନରୁ ତୁମେ ପ୍ରିଷ୍ଟ ହେବାର ଶିକ୍ଷା ଲାଭ କରି ଆସିଚ ସେଇ ଅନୁଷ୍ଠାନର ମୁଁ ବି ଜଣେ କୃତୀ ଛାତ୍ର । ଶିକ୍ଷା ଅନୁଷ୍ଠାନର ପାଠ୍ୟପୁସ୍ତକ ଆଉ ଏଇ କର୍ମକ୍ଷେତ୍ର ଭିତରେ ଅନେକ ତଫାତ୍ ।

ଜନ୍—ତା'ହେଲେ, ଯାହାସବୁ ଶିକ୍ଷା ଦିଆଯାଇଚି ସେସବୁ ଭୁଲ ? ମିଛ ?

ଥମାସ୍—କାମରେ ଦେଖିବ ସବୁ ଓଲଟା । ଶିକ୍ଷା ଅନୁଷ୍ଠାନରେ ତୁମେ ପଢ଼ିଚ, ଲୋକଙ୍କୁ ଅନୁପ୍ରାଣିତ କରିବାପାଇଁ ସେମାନଙ୍କ ସାଙ୍ଗରେ ମିଳାମିଶା କରିବା ଦରକାର । କିନ୍ତୁ ବାସ୍ତବରେ ତୁମେ ଅନୁଭବ କରିବ, ଲୋକଙ୍କଠୁ ଦୂରେଇ ନ ରହିଲେ ସେମାନେ ତୁମକୁ ସମ୍ମାନ ଦେଉନାହାନ୍ତି । ତେଣୁ ବାଧ୍ୟ ହୋଇ ତୁମେ ଲୋକଙ୍କଠୁ ଦୂରରେ ରହିବ । ଖାଲି ସେତିକି ନୁହେଁ, ଶୁଦ୍ଧପୂତ ଚରିତ୍ର ସହିତ ତୁମକୁ ନିର୍ମମ ହେବାକୁ ପଡ଼ିବ । ତେବେ ଯାଇ ସେମାନେ ତୁମକୁ ଭୟ କରିବେ, ଭକ୍ତି କରିବେ, ପୂଜା କରିବେ ଏବଂ ତୁମେ ଯାହା କହିବ ମାନିବେ ।

Source: Author, Digitized by PPRACHIN, SOA

ଜନ୍—କ'ଣ କହୁଛନ୍ତି ?

ଥମାସ୍—ମୋର ପାର୍ଦ୍ଦିବନର ଅଭିଜ୍ଞତା ମତେ ଏ ସବୁ ଶିଖେଇଛି । ତୁମେ ବି ଦିନେ ବୁଝିବ । ତୁମେ ବି ଦିନେ ମୋରି ପରି କଠିନ ହେବାକୁ ଶିଖିବ । ସାମାନ୍ୟ ଦୋଷ ପାଇଁ ଗୁରୁତର ଶାସ୍ତି ବିଧାନ କରିବ । ଏଇ ଦେଖୁଛ ! ରବିବାର ସକାଳ ପ୍ରାର୍ଥନା ସମୟ ଗଡ଼ିଗଲାଣି, କାହାର ଦେଖାନାହିଁ ! କୁହ, ଏଇ ଭୁଲ ପାଇଁ କ'ଣ କ୍ଷମା କରାଯାଇପାରେ ? No, impossible.

ଜନ୍—କିନ୍ତୁ ଶାସ୍ତି ଦେବେ କାହାକୁ ?

ଥମସ୍—ଆଜି କେହି ଆସିନାହାନ୍ତି ବୋଲି କହୁଛ । No, No, ନିଶ୍ଚୟ ଆସିବେ । ଗୋଟି ଗୋଟି କରି ଡକେଇଆଣିବି । କ'ଣ ଭାବିଚନ୍ତି ସେମାନେ ? ଏଇଟା ଚର୍ଚ୍ଚ ନା କିଡ଼ି ଏସ୍ଥାନ କ୍ଲବ, ମନ ହେଲେ ଆସିବେ ନ ହେଲେ ନାହିଁ ? I will see···I will see them all.

[ବିରକ୍ତିରେ ଚକ୍କର କରି ଥମାସ୍ ଚାଲିଗଲେ ବାହାରକୁ । ଜନ୍ ପୂର୍ବଭଳି ଘଣ୍ଟା ବଜେଇବାରେ ଲାଗିଲେ । ହଠାତ୍ ଶାନ୍ତସ୍ନିଗ୍ଧା ହରିଣୀ ଭଳି ଆସିଛି ରବେକା—ସେଇ ସହରପ୍ରାନ୍ତର ଏକ କୃଷି ପରିବାରର ସପ୍ତଦଶବର୍ଷୀୟା ବାଳିକା ।]

ରବେକା—(ଶଙ୍କିତଭାବେ) ଘଣ୍ଟା ବଜାଇ ଲାଭ କ'ଣ ? କେହି ଆସିବେନି ।

ଜନ୍—କିଏ ? ରବେକା ! (ମୁହଁରେ ହସ ଖେଳାଇ) ଏଇ ତ ତମେ ଆସିଛ ।

ରବେକା—ପ୍ରତି ରବିବାର ସକାଳ ହେବାକୁ ମୁଁ ଅପେକ୍ଷା କରିଥାଏ, ଜନ୍ ! ଘଣ୍ଟା ଶବ୍ଦ ଶୁଣିବା ମୋର ଦରକାର ପଡ଼େନି ।

ଜନ୍—କେବଳ ତମେ ଏକା ନୁହଁ । ଏଇ ପବିତ୍ର ମୁହୂର୍ତ୍ତକୁ ପ୍ରଭୁଙ୍କର ସମସ୍ତ ସନ୍ତାନ ଅପେକ୍ଷା କରିଥାଆନ୍ତି ।

ରବେକା—ନା, ଆଜିଠୁ ଆଉ କାହାରିକୁ ଅପେକ୍ଷା କରିବାକୁ ପଡ଼ିବନି ।

Source: Author, Digitized by PPRACHIN, SOA

ଜନ୍—ଆଜଠୁ ? କାହିଁକି ? କ'ଣ ହେଉଛି ?

ରବେକା—ଆପଣ କ'ଣ କାଲି ରାତିରେ ବାହାରେ କ'ଣ ହେଉଛି ଜାଣି-
ନାହାନ୍ତି ? ଗୁଳିଗୁଳା, ସାଇରେନ୍, କମାଣର ଗର୍ଜନ, ଏ' ସବୁ କିଛି ଶୁଣି
ନ'ହାନ୍ତି ?

ଜନ୍—ହଁ, ଶୁଣିଛି । ତା'ହେଲେ କ'ଣ ସତରେ ରାତିକ ଭିତରେ ଦେଶରେ
ଗୋଟି ଏ ପରିବର୍ତ୍ତନ ହୋଇଗଲା ?

ରବେକା—ହଁ, ଅନେକ କିଛି ହୋଇଯାଇଛି, ଜନ୍ ! ଆପଣ ସକାଳ ରେଡ଼ିଓରୁ
ଖବର ଶୁଣିଥିବେ ନିଶ୍ଚୟ ।

ଜନ୍—ନା, ରେଡ଼ିଓ ଖବର ମୁଁ ଶୁଣିନି । ତେବେ ଜାଣିଛି, କିଛିଦିନ ହେଲା
ଉଗ୍ରପନ୍ଥୀମାନେ ସାରା ଦେଶରେ ଘୋର ଆତଙ୍କ ସୃଷ୍ଟି କରିଥିଲେ । ଜୋରକରି
ସେମାନେ ଶାସନକଳ ଅଧିକାର କରିବାକୁ ଚାହୁଁଥିଲେ । ମନେହେଉଛି,
ସେଇଟା କାଲି ରାତିରେ ସେମାନେ କାର୍ଯ୍ୟକାରୀ କରିପାରିନାହାନ୍ତି ।

ରବେକା—ସେଇସବୁ ସୂଚନା ପାଇସାରିଲା ପରେ ବି ଆପଣ ସ୍ଥିର ହୋଇ
ରହିପାରିଲେ ?

ଜନ୍—ଏଥିରେ ଅସ୍ଥିର ହେବାର କ'ଣ ଅଛି ? ମୁଁ ଜଣେ ଶିକ୍ଷକ ତଥା
ଧର୍ମଯାଜକ । ମୋ ପାଇଁ ଦୁନିଆରେ ଅଶାନ୍ତିର କାରଣ ତ କିଛି ନାହିଁ,
ରବେକା !

ରବେକା—ତା'ହେଲେ ମୁଁ କହିବି ଉଗ୍ରପନ୍ଥୀମାନଙ୍କ ବିଷୟରେ ଆପଣଙ୍କର କିଛି
ଧାରଣା ନାହିଁ ।

ଜନ୍—ମୋର କେବଳ ଏତିକି ଧାରଣା ଯେ, ଲକ୍ଷ୍ୟ ହାସଲ ପାଇଁ ସେମାନେ
ବିଶ୍ୱାସ କରନ୍ତି ହିଂସାରେ···ରକ୍ତାକ୍ତ ବିପ୍ଳବରେ ।

ରବେକା—ଆପଣ ଯାହା କହିଲେ ସେଇଟା ସେମାନଙ୍କର ଆନୁଷ୍ଠାନିକ ମତ । କିନ୍ତୁ
ବାସ୍ତବରେ ସେମାନେ ଯେ କାମରେ କଣ କରନ୍ତି, ଯାଆନ୍ତୁ ଦେଖିଆସିବେ ।

ଜନ୍—କ'ଣ ଆଉ ଏମିତି ହେଉଛି, ରବେକା ?

Source: Author, Digitized by PPRACHIN, SOA

ଶବେକା—କଣ ହେଉଛି ! କାଲି ରାତିରେ ସେମାନେ ଶାସନକଳ ଦଖଲ କଲାପରେ ଗୃହ ଅଟେଡ଼ କଡ଼ା ମିଳିଟାରୀ ପହରା । ଦେଶସାରା କର୍ଫ୍ୟୁ ଜାରି ହେଉଛି । ରାସ୍ତା ଭାଙ୍ଗିଦିଆଯାଇଛି । ପୋଲ ଉଡ଼େଇଦିଆଯାଇଛି । ଘରେ ଘରେ ନିଆଁ ଲଗାଇ-ଦିଆଯାଉଛି । ଗୁଳିଗୁଳା, ଖୁନ୍, ଲୁଟ୍‌ତରାଜ । ଦେଶ ଉଜୁଡ଼ିଯାଉଛି, ଜନ୍ !

ଜନ୍—ଶବେକା ! !

ଶବେକା—ଆଉ ଆଜି ସକାଳୁ ପ୍ରତ୍ୟେକ ନାଗରିକଙ୍କୁ ଆଞ୍ଚଳିକ ଥାନାରେ ଉପସ୍ଥିତ ହୋଇ ନିଜର ପରିଚୟପତ୍ର ଦାଖଲ କରିବାକୁ ହୁକୁମ ଦିଆଯାଇଛି ।

ଜନ୍—କାହିଁକି ?

ଶବେକା—ଯେଉଁମାନେ ସେମାନଙ୍କର ନୀତି ନିୟମକୁ ବରଦାସ୍ତ କରିବେ, ଏଇ ନୂଆ ଶାସନକୁ ସମର୍ଥନ କରିବେ, ସେଇମାନଙ୍କୁ କେବଳ ଏଇ ଦେଶରେ ରହିବାର ଅଧିକାର ଦିଆଯିବ ।

ଜନ୍—ହୁଁ, ସେମାନେ ତ ଆଉ ଭୋଟ ପାଇ ଦେଶ ଶାସନ କରିବାକୁ ଆସିନାହାନ୍ତି ଯେ ଲୋକଙ୍କର ମର୍ଜି ଉପରେ ନିର୍ଭର କରିବେ ।

ଶବେକା—ତା' ବୋଲି ଏମିତି ଜୋରଜବରଦସ୍ତି କରି ଶାସନକଳ ଦଖଲ କରିବା କ'ଣ ଉଚିତ ହେଉଛି ?

ଜନ୍—ଶାସନ ପ୍ରତିଷ୍ଠା କରିବା ସମୟରେ ଶାସକ ଆଗରେ ଉଚିତ ଅନୁଚିତର ପ୍ରଶ୍ନ ନ ଥାଏ, ଶବେକା ! ଯେତେବେଳେ ଏଇ ଦେଶକୁ ରାଜା ମହାରାଜାମାନେ ଶାସନ କରୁଥିଲେ ସେତେବେଳେ କଣ ସେମାନଙ୍କୁ ଉଚିତ ଅନୁଚିତର ପ୍ରଶ୍ନ କେହି ପଚାରିଥିଲା ? ପୁଣି ଯେଉଁଦିନ ବଡ଼ ବଡ଼ ନେତାମାନେ ଗଣତନ୍ତ୍ରର ସ୍ଲୋଗାନ ଦେଇ ଦେଶ ଶାସନ କରିବାକୁ ବସିଲେ ସେଦିନ କଣ ସେମାନଙ୍କ ମନରେ ନୀତି ଅନୀତିର ପ୍ରଶ୍ନ ଜାଗିଥିଲା ? ଆଜି ଦିନ ଆସିଛି, ଉଗ୍ରପନ୍ଥୀମାନେ ଦେଶ ଶାସନ କରିବେ । ନ୍ୟାୟ ଅନ୍ୟାୟ ନେଇ ସେମାନଙ୍କୁ ପ୍ରଶ୍ନ ବା କରୁଛି କିଏ ?

ଶବେକା—ତା ମାନେ, ଆପଣ କଣ କହୁଛନ୍ତି, ଏ ବଳାତ୍କାର ଶାସନ ଏଠି ଚାଲିବ ? ଆଉ ଲୋକମାନେ ନୀରବରେ ସବୁ ସହିଯିବେ ?

Source: Author, Digitized by PPRACHIN, SOA

ଜନ୍—ଶାସନଟା ସବୁଦିନେ ବଳାତ୍କାର, ରେବେକା ! କାରଣ ଶାସନ ହାତରେ ଆଇନ୍‌କାନୁନ୍, ଗୁଳିବନ୍ଧୁକ, ଜେଲ କୋଠରୀମାନ ସବୁକିଛି ରହିଛି ଆଉ ରହିବ । ସାଧାରଣ ଜନତା ଚାହିଁଲେ ବି ତା ବିରୁଦ୍ଧରେ ସହଜରେ ଠିଆ ହୋଇ ପାରିବେନି ।

ରେବେକା—ଆଉ କୋଉ ସାଧାରଣ ଲୋକଙ୍କ କଥା ମୁଁ ଭାବୁନି, ଜନ୍, ଆପଣ ଯିମିତି ସେମାନଙ୍କ ହାତରେ ଲାଞ୍ଛିତ ନ ହୁଅନ୍ତି, ସେଥିପାଇଁ ମୁଁ ସତର୍କ କରିଦେବାକୁ ଆସିଛି ।

ଜନ୍—କାହିଁକି ? ସାଧାରଣ ଲୋକଙ୍କଠୁ ମୁଁ କଣ ଭିନ୍ନ ?

ରେବେକା—ହଁ, ମୁଁ ଅନ୍ତତଃ ସେଇଆ ଭାବେ । କାରଣ ଆପଣ ଧର୍ମଯାଜକ । ଆପଣ ନୀତିନିୟମ, ପାପପୁଣ୍ୟର ଶିକ୍ଷା ଦିଅନ୍ତି; ଅନ୍ଧ ମଣିଷକୁ ଆଲୋକର ପଥ ଦେଖାନ୍ତି । ଦେଶର ଯେକୌଣସି ପରିସ୍ଥିତିରେ ବି ଆପଣ ଅପମାନିତ ହେବା ମୋ ଇଚ୍ଛା ନୁହେଁ ।

ଜନ୍—ଆଉ ତମେ କଣ ଚାହଁ ? କଣ କହିବାକୁ ଚାହଁ ?

ରେବେକା—ମୁଁ ଚାହୁଁଛି, ଆପଣ ଏଠୁ ଚାଲିଯାଆନ୍ତୁ···ଚାଲିଯାଆନ୍ତୁ ଏ ଦେଶର ସୀମା ପାରିହୋଇ ।

ଜନ୍—ହଁ, ଇଚ୍ଛା କଲେ ହୁଏତ ଯାଇପାରେ । ହେଲେ କଣ ଦରକାର ? ଧର୍ମ ସହିତ ଶାସନର କିଛି ସମ୍ପର୍କ ନାହିଁ । ଶାସନ ବଦଳିଗଲା ସଙ୍ଗେ ସଙ୍ଗେ ଧର୍ମ ତ ଆଉ ବଦଳିଯାଏନି ! ତେଣୁ ମୋ ଯିବାକଥା ଉଠୁଛି କାହିଁକି ?

ରେବେକା—ନା, ମୋ ଅନୁରୋଧ, ଆପଣ ଏଠୁ ଚାଲିଯାଆନ୍ତୁ । ହଁ, ଆପଣଙ୍କୁ ଏଠୁ ଚାଲିଯିବାକୁ ହେବ । କୁହନ୍ତୁ, ଆପଣ ମୋ କଥା ରଖିବେନି ?

ଜନ୍—ମୋ ପାଇଁ ତୁମେ କିଛି ଭାବନି, ରେବେକା ! ତମର ସହାନୁଭୂତି ପାଇଁ ଧନ୍ୟବାଦ ।

ରେବେକା—ଆପଣ ଭାବନ୍ତି, ଏମିତି କହି ମୋତେ ଠକିଦେବେ ?

Source: Author, Digitized by PPRACHIN, SOA

ଜନ୍—ନା, ଏଥିରେ ଠକିବାର ପ୍ରଶ୍ନ ଉଠୁଛି କୋଉଠୁ ? ବରଂ ଏଇ ପରିସ୍ଥିତିରେ ଏକା ଏକା ଏଠାକୁ ଆସିବା ତମର ଠିକ୍ ହୋଇନି । ତମେ ଚାଲିଯାଅ ଶବେକା···ନା, ନା, ବର୍ତ୍ତମାନ ତମର ଏକୁଟିଆ ଚାଲିଯିବା ନିରାପଦ ନୁହେଁ । ଚାଲ, ମୁଁ ତୁମକୁ ତୁମ ଘରେ ଛାଡ଼ିଦେଇ ଆସିବ ।

ଶବେକା—(ଅଭିମାନରେ) ନା, ଥାଉ । ମୁଁ ଏକା ଯାଇପାରିବ । କାହାରି ଯିବା ଦରକାର ନାହିଁ ।

[ଶବେକା ଚାଲିଯାଇଛି । 'ଜନ୍' 'ଜନ୍' ଡାକ ପ୍ରବେଶ କରିଛନ୍ତି ଅମସ୍ ବଡ଼ ହତାଶରେ]

ଜନ୍—କଣ ହୋଇଛି ଫାଦର ? (ଅମସ୍‌ଙ୍କୁ ଧରି ବସାଇ ଦେଇଛନ୍ତି ଚୌକିରେ)

ଅମସ୍—ଦୟାକରି ମତେ ଟିକେ ପାଣି ଦିଅ ତ !

ଜନ୍—ଦଉଚି । (ଭିତରୁ ପାଣି ଆଣି ଦେଲେ । ଅମାସ୍ ପିଇଲେ) କ'ଣ, ଆପଣଙ୍କ ଦେହ କିଛି ···?

ଅମାସ୍—ନା, କିଛି ହୋଇନି ।

ଜନ୍—କିନ୍ତୁ ଆପଣ ଏତେ ବିଚଳିତ ଜଣା ଯାଉଚନ୍ତି ?

ଅମାସ୍—ହଁ, ବାହାରେ ଦେଖିଆସିଲି ସବୁ ଯେମିତି ବଦଳିଯାଇଛି । ଗୋଟେ ଏ ରାତି ଭିତରେ ସବୁ ସିମିତି ଓଲଟପାଲଟ ହୋଇଗଲା ପରି ମନେହଉଛି ।

ଜନ୍—କଣ ଦେଖିଲେ ଆପଣ ?

ଅମାସ୍—ସୈନିକମାନେ ରାସ୍ତା ସବୁ ବନ୍ଦ କରି ରଖିଚନ୍ତି । ପ୍ରତି ଘର ଆଗରେ ପହରା ଦେଉଚନ୍ତି । ପ୍ରତି ପାଞ୍ଚ ମିନିଟରେ ଟାଙ୍କ୍ ଛୁଟୁଚି, କମାଣ୍ଡୋମାନଙ୍କ ଟ୍ୟାଙ୍କ୍ । ସମସ୍ତଙ୍କ ଦୁଆର ବନ୍ଦ । ରାସ୍ତାରେ କେହି ଲୋକ ନାହାନ୍ତି ।

ଜନ୍—ଏଥିରେ ଏତେ ବିବ୍ରତ ହବାର କ'ଣ ଅଛି ? ଯାହା ହବାର ଥିଲା ହୋଇଛି ।

Source: Author, Digitized by PPRACHIN, SOA

ଅମାସ୍—କ'ଣ ହବାର ଥିଲା ?

ଜନ୍—ଦୀର୍ଘଦିନ ଧରି ଯେଉଁ କଥା କୁହୁଳି କୁହୁଳି ଥିଲା, ସୁଯୋଗ ପାଇ ସେ ଆଜି ଜଳିଉଠିଛି ।

ଅମାସ୍—କିନ୍ତୁ କାହିଁକି ? ଏସବୁର ଅର୍ଥ କ'ଣ ? ଏସବୁ ଘଟୁଛି କାହିଁକି ?

ଜନ୍—ଗଣତନ୍ତ୍ରରୁ ଦୁର୍ନୀତି ଦୂର କରିବା ପାଇଁ ବାହାରିଛନ୍ତି ଦଳେ ଉଗ୍ରପନ୍ଥୀ ।

ଅମାସ୍—ଦୁର୍ନୀତି ସୁଧାରିବାର ରାସ୍ତା କ'ଣ ଏଇଆ ?

ଜନ୍—ନ ହୋଇପାରେ । ଠିକ୍ ସିମିତି ଆମେ ଆମର ଧର୍ମ ପରମ୍ପରା ଅନ୍ଧ ଭାବରେ ଅନୁସରଣ କରୁଁ, ସେମାନେ ସିମିତି ସେମାନଙ୍କର ରାଜନୈତିକ ପନ୍ଥା ଅନ୍ଧ ଭାବରେ ଅନୁସରଣ କରନ୍ତି ।

ଅମାସ୍—କିନ୍ତୁ ଏହାର ଶେଷ କେଉଁଠି ?

ଜନ୍—ସେକଥା କହିବ କିଏ ? ରାଜତନ୍ତ୍ର ହାର ମାନିଛି । ଗଣତନ୍ତ୍ର ଦେଶରୁ ଦୁର୍ନୀତି ଦୂର କରିପାରିନି । ଶେଷରେ ଉଗ୍ରପନ୍ଥୀମାନଙ୍କ ହିଂସାତନ୍ତ୍ର ଦେଶରୁ ଦୁର୍ନୀତି ଦୂର କରିପାରୁଛି କି ନାହିଁ, ତା'ର ଗୋଟାଏ ପରୀକ୍ଷା ହୋଇଯାଉ ।

ଅମାସ୍—କିନ୍ତୁ ଏମିତି ପରୀକ୍ଷା କରିବାକୁ ଯାଇ ଯେ ଅନେକ ଧନଜୀବନ ନଷ୍ଟ ହେବ । ବିଶୃଙ୍ଖଳା ସୃଷ୍ଟି ହେବ । ଅରାଜକତା ଆସିବ ।

ଜନ୍—ଆସିପାରେ । ସମୟ ଆଉ କାଳର ପ୍ରବାହରେ କେତେ ବିଦ୍ରୋହ, ବିପ୍ଳବ, ଅରାଜକତା ଆସିଛି ଆଉ ଆସିବ । ଅନନ୍ତ ଶତାବ୍ଦୀର ସ୍ରୋତ କଲ୍ଲୋଳରେ ସେସବୁ ଗୋଟିଏ ଗୋଟିଏ ଛୋଟ ଢେଉ ।

ଅମାସ୍—ତମେ କିନ୍ତୁ ଘରେ ବସି ଏତେ ଖବର ରଖିପାରିଲ କେଉଁଠୁ ?

ଜନ୍—ମୁଁ ଖବରକାଗଜ ପଢ଼େ । ତା' ଛଡ଼ା, ରୋଗୀମାନଙ୍କ ସହିତ କଥାବାର୍ତ୍ତା କଲାବେଳେ ମୁଁ ବାହାର ସମାଜର ଆଲୋଡ଼ନ ସବୁ ଅନୁଭବ କରିପାରେ ।

ଅମାସ୍—ଓ···ହୋଇଥିପାଇଁ ତୁମେ ଶୋଇଲାବେଳେ ଅନେକ ସମୟ ଆଲୋକ ଜାଳି ରଖ ।

Source: Author, Digitized by PPRACHIN, SOA

ଜନ୍—ମୁଁ ଜାଣେ, ସେଇଟା ଚର୍ଚ୍ଚର ନୀତିବିରୁଦ୍ଧ । ସେଥିପାଇଁ ମୁଁ ଦୁଃଖିତ, ଫାଦର !

ଥମାସ୍—ନା, ଦୁଃଖ କରିବାର କିଛି ନାହିଁ । ବରଂ ବାହାରର ଖବର ନ ରଖି ମୁଁ ଠକାଯାଇଛି ।

ଜନ୍—ଠକାଯାଇଛନ୍ତି ?

ଥମାସ୍—ହଁ, ମୁଁ ଯଦି ଖବରକାଗଜ ପଢ଼ି ଏସବୁ ଜାଣିପାରିଥାଆନ୍ତି କିମ୍ବା ତମ ଭଳିଆ ଡାକ୍ତର ହୋଇ ଲୋକଙ୍କ ସଂସ୍ପର୍ଶରେ ଆସିଥାଆନ୍ତି, ତା'ହେଲେ ଆଗରୁ ଏ ସ୍ଥାନ ଛାଡ଼ି ଚାଲିଯାଇଥାଆନ୍ତି । ସମଗ୍ର ଦେଶଟା ଥାଉ ଥାଉ ସେମାନେ ଏଇଠି ଆସି ଯେ ଜୁଲମ କରିବେ, ଏକଥା ଜାଣିଥିଲା କିଏ ?

ଜନ୍—କିନ୍ତୁ ଆମର ସେଥିରେ ଭୟ କରିବାର କ'ଣ ଅଛି ? ସମୁଦ୍ରର ନଦୀରେ ବନ୍ୟା ଆସିବ, ପୁଣି ସେ ଶୁଖିଯିବ । କୂଳରେ ସ୍ଥିର ଠିଆ ହୋଇଛି ତା'ର ଡରିବାର କିଛି ନାହିଁ ।

ଥମାସ୍—ବନ୍ୟା ଯେତେବେଳେ ଆସିବ, ସେ ଯେ କୂଳ ଲଙ୍ଘନ କରିବ ନାହିଁ, ଇମିତି ନିଶ୍ଚିନ୍ତ କରି କିଏ କହିପାରିବ ? ନା-ନା, ମୁଁ ଠକାଯାଇଛି…ହଁ, ମୁଁ ଠକା-ଯାଇଛି ।

[ଚାଲିଗଲାବେଳକୁ ଭିତର ବଗିଚାରେ କାହାର ଶଙ୍କିତ ପଦଧ୍ୱନି ଶୁଭିଲା । ଆତଙ୍କିତ ହୋଇ-ପଡ଼ିଲେ ଥମାସ୍ । ଚିତ୍କାର କରି—]

କିଏ ?

ଜନ୍—କାହିଁ ? କେଉଁଠି ?

ଥମାସ୍—ଏଇ ଦେଖ ତ ! ମନେହେଉଛି ଯିମିତି କେହି ଛପିଛପି ଆମ କଥା ଶୁଣୁଛି । କିଏ ? କିଏ ସେଠି ?

ଜନ୍—ହଁ, କାହାର ପାଦଶବ୍ଦ ଯିମିତି ଶୁଣାଯାଉଛି ।

Source: Author, Digitized by PPRACHIN, SOA

ଥମାସ୍—ମୋର ମନେହଉଛି, କିଏ ସିମିତ ଆମକୁ ଅନୁସରଣ କରୁଛି । ଦେଖ···
ତୁମେ ଯାଇ ଦେଖ ।

ଜନ୍—ଏଇ ଲୋକଟା ଆମରି ଆଡ଼କୁ ଆସୁଛି ।

ଥମାସ୍—ଏଁ ! ଆସୁଛି ? ହଁ, ସତେ ତ ! ଦେଖ, ତା' ହାତରେ ଅସ୍ତ୍ରଶସ୍ତ୍ର କିଛି ନାହିଁ ତ ? ଛୁରୀ, ବନ୍ଧୁକ, ବର୍ଚ୍ଛା କିଛି ହେଲେ···

ଜନ୍—ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ଲୋକଟା ଯିମିତି ଜଣାହ ଭାବରେ ଆସୁଛି, ମୋର ମନେହୁଏ ତା' ହାତରେ କିଛି ଭୟ ନକ ଅସ୍ତ୍ରଶସ୍ତ୍ର ନ ଥିବ ।

ଥମାସ୍—(ଭୟରେ) ଜନ୍ ! ତମେ ମୋ ପାଖକୁ ଆସ ।

[ଡର ଡର ପ୍ରବେଶ କରନ୍ତି ସହରର ଧନିଷ୍ଠ ଶିଳ୍ପପତି କୋଟିପତି ସାଇଲକ୍ । ବୟସ ପ୍ରାୟ ପଇଁଚାଳିଶ ହେବ । କାଳା ପୋଷାକରେ ଦେହ ଆବୃତ ।]

ସାଇଲକ୍—(ବିକଳରେ) ମତେ ବଞ୍ଚାନ୍ତୁ ଫାଦର, ମତେ ବଞ୍ଚାନ୍ତୁ ।

ଥମାସ୍—ଆରେ ସାଇଲକ୍ ଯେ ! ଝାଳନାଳ ହେଇ ଏମିତି ହଠାତ୍ ? କ'ଣ ହେଇଛି ?

ସାଇଲକ୍—ଲୁଚି ଛପି ଅନେକ କଷ୍ଟରେ ପାଚେରି ଡେଇଁ ଭିତରକୁ ଚାଲିଆସିଛି ।

ଥମାସ୍—କିନ୍ତୁ କାହିଁକି ଆସିଲ ?

ସାଇଲକ୍—ବଞ୍ଚିବାପାଇଁ ।

ଥମାସ୍—ବଞ୍ଚିବା ପାଇଁ ତମେ ଏଠାକୁ ଚାଲିଆସିଲ ? ଓଃ, କି ମୁସ୍କିଲ ! ଜନ୍, ଗ୍ଲାସେ ପାଣି । (ଜନ୍ ପାଣି ଆଣି ଦେଲେ)

ସାଇଲକ୍—ଆଜ୍ଞା, ଉପାୟ ନ ଥିଲା । ସହରର ଯେଉଁ ପରିସ୍ଥିତି, ଆପଣମାନେ ଏଠୁ ପଳେଇ ନ ଯାଇ ରହିଛନ୍ତି କିମିତି ?

Source: Author, Digitized by PPRACHIN, SOA

ଅମାସ୍—କ'ଣ ହେଲା ! ଭୟରେ ପଳେଇଯିବୁଁ ? କ'ଣ ଭାବିଚ ତୁମେ ? ଖ୍ରାବିଚ ସମ୍ପ୍ରଦାନମାନେ ତମ ଉପରେ ଅତ୍ୟାଚାର କଲେ ବୋଲି ଆମମାନଙ୍କ ଉପରେ ବି ସେଆ କରିବେ ? ନା, ସେ ସାହସ ସେମାନଙ୍କର ନାହିଁ । ଆମେମାନେ ଧର୍ମଯାଜକ, ପ୍ରଭୁଙ୍କର ସେବକ । ଆମମାନଙ୍କ ଉପରେ ହାତ ଦେଲେ ପୃଥିବୀ ପ୍ରଳୟ ହୋଇଯିବ । ଦେଶ ରସାତଳକୁ ଚାଲିଯିବ ।

ସାଇଲକ୍—ମୁଁ ଜାଣେ ଫାଦର, ସେଇଥିପାଇଁ ତ ବିପଦରେ ପଡ଼ି ଆପଣଙ୍କ ପାଖକୁ ଧାଇଁଆସିଚି । ଆପଣ ଦୟା କଲେ ବଞ୍ଚିଯିବି ।

ଅମାସ୍—ଆମେ ଦୟା କଲେ ?

ସାଇଲକ୍—ଆଜ୍ଞା, ପ୍ରଭୁ ଯୀଶୁଙ୍କର ଏଇ ପବିତ୍ର ପୂଜାପୀଠରେ ଆପଣମାନେ ହେଲେ ସେବକ । ଆଉ ମୁଁ ଆପଣଙ୍କର ପଦସେବକ ।

ଜନ୍—କ'ଣ ଦରକାର ସ୍ପଷ୍ଟ କୁହନ୍ତୁ ?

ସାଇଲକ୍—ଆଜ୍ଞା, ଉଗ୍ରପନ୍ଥୀମାନେ ସହରରେ କ'ଣ କରୁଛନ୍ତି ଆପଣ ତ ନିଶ୍ଚୟ ଶୁଣିଥିବେ ?

ଜନ୍—କ'ଣ କରୁଛନ୍ତି ?

ସାଇଲକ୍—ଦେଶରେ ଯେତେ ଧନୀଲୋକ, ସମସ୍ତଙ୍କୁ ଗୋଟି ଗୋଟି କରି ରାସ୍ତାର ବଡ଼ଖୁଣ୍ଟରେ ଝୁଲେଇ ଫାଶୀ ଦେବେ ବୋଲି ପ୍ରଚାର କରି ବୁଲୁଛନ୍ତି । ସପ୍ତାହକ ଭିତରେ ସେଇଟା କାର୍ଯ୍ୟକାରୀ ହେବ ବୋଲି ଶୁଣାଯାଉଛି ।

ଜନ୍—ଆପଣଙ୍କ ନାଆଁଟା କ'ଣ ସେଇ ତାଲିକାରେ ରହିବ ବୋଲି ଆପଣଙ୍କର ଆଶଙ୍କା ହୁଏ ?

ସାଇଲକ୍—ଆଜ୍ଞା, ଏଥିରେ ସନ୍ଦେହ କରିବାର କ'ଣ ଅଛି ? ମୋ Baby food କାରଖାନାର ଇନ୍‌କମ୍ ଟ୍ୟାକ୍ସ ପରିମାଣଟା ସେମାନଙ୍କ ଆଖିରେ ଏତେବେଳକୁ ପଡ଼ିସାରିଥିବ । ଆଉ ଫାଙ୍କିବାକୁ ବାଟ କାହିଁ ?

ଅମାସ୍—ଜନ୍, ତମେ ବୋଧହୁଏ ସାଇଲକ୍‌ଙ୍କୁ ଚିହ୍ନି ନାହଁ ?

ଜନ୍—ନା, ଫାଦର ! ସେ ତ କେବେ ଚର୍ଚ୍ଚକୁ ଆସିନାହାନ୍ତି ।

Source: Author, Digitized by PPRACHIN, SOA

ସାଇଲକ୍—ଆଜ୍ଞା, ଠିକ୍ କହୁଛନ୍ତି । ମୁଁ କେବେ ଚର୍ଚ୍ଚକୁ ଆସିନି । ହେଲେ ଆପଣ ବୋଧହୁଏ ଜାଣିନାହାନ୍ତି ମୋର କେତେ ଜଞ୍ଜାଳ ! ଚର୍ଚ୍ଚକୁ ଆସିବାକୁ ମତେ ବେଳ କାହିଁ ?

ଥମାସ୍—Exactly, ତାଙ୍କୁ ଚର୍ଚ୍ଚକୁ ଆସିବାକୁ ବେଳ କାହିଁ ? ସେ ହେଉଚନ୍ତି ସହରର ସବୁଠୁ ବଡ଼ ଶିଳ୍ପପତି ।

ସାଇଲକ୍—ନା-ନା, ସେ କିଛି ନୁହେଁ, ଆଜ୍ଞା ! ସବୁ ପ୍ରଭୁଙ୍କର ଦାନ । ଧର୍ମଚର୍ଚ୍ଚା କରିବାକୁ ମୋର ବହୁତ ଆଗ୍ରହ । ସେଇଥିପାଇଁ ମଝିରେ ମଝିରେ ଏଇ ମହାନ୍ ଆତ୍ମା ଫାଦର ଥମାସ୍‌ଙ୍କ ପଦଧୂଳି ନେବାପାଇଁ ମୋ ଗ୍ରେଟ ବୁଢ଼ିଆକୁ ଡାକି-ନେଇଥାଏ ।

ଜନ୍—ହଁ, ବୁଝିଲି । ସେଇଥିପାଇଁ ଆଜି ବିପଦରେ ପଡ଼ି ଫାଦରଙ୍କ ପାଖକୁ ଦଉଡ଼ି-ଆସିଚନ୍ତି, ନା ?

ସାଇଲକ୍—ଖାଲି ଦଉଡ଼ିଆସିନି,ଆଜ୍ଞା ! ଅନେକ ଆଶା କରି ଦଉଡ଼ିଆସିଚି । ଆପଣ ଚାହିଁଲେ ଗରିବ ବଞ୍ଚିଯାଆନ୍ତା ।

ଥମାସ୍—କ'ଣ ତମେ ଚାହଁ ?

ସାଇଲକ୍—ଆଜ୍ଞା,କିଛି ମନେକରିବେ ନାହିଁ । (ଜନ୍‌ଙ୍କୁ ଚାହିଁ) କଥାଟା ଗୋପନୀୟ କିନା···

ଜନ୍—ତା'ହେଲେ ମୁଁ ଏଠୁ ଚାଲିଯାଉଚି । ଆପଣଙ୍କର ଯାହା କହିବା କଥା ଏକାନ୍ତରେ କୁହନ୍ତୁ । (ଚାଲିଗଲେ)

ଥମାସ୍—ସାଇଲକ୍ ! ତମେ ଏଇ ମୁହୂର୍ତ୍ତରେ ମୋ'ଠୁ କ'ଣ ଆଶା କରୁଚ ?

ସାଇଲକ୍—ଆଜ୍ଞା, ବିପଦ ବେଳରେ ହିଁ ତ ମଣିଷ ବନ୍ଧୁ ଖୋଜେ । ମେଁ କପାଳକୁ ଆପଣଙ୍କୁ ଠିକ୍ ସମୟରେ ଖୋଜି ପାଇଚି । ଆପଣ ଥାଉ ଥାଉ ମୁଁ କ'ଣ ବୁଡ଼ିଯିବି ?

ଥମାସ୍—କିନ୍ତୁ ମୁଁ ତୁମ ପାଇଁ କ'ଣ କରିପାରିବି ?

Source: Author, Digitized by PPRACHIN, SOA

ସାଇଲକ୍—ପାରିବେ ଆଜ୍ଞା, ସବୁ ପାରିବେ । ଆପଣ ଚାହିଁଲେ ଏଇ କୋଟିପତି ଶିଳ୍ପପତି ସାଇଲକ୍ ମୁହୂର୍ତ୍ତକ ଭିତରେ ପାଲଟିଯିବ ରାସ୍ତାର ଭିକାରି ।

ଅମାସ୍—ସେଥିରେ ତମର ଲାଭ ?

ସାଇଲକ୍—ଅଛି, ଆଜ୍ଞା ! ଏଇ ପୈତୃକ ପ୍ରାଣଟା ଅନ୍ତତଃ ବଞ୍ଚିଯିବ । ଅର୍ଥାତ୍ ସେଇ ବତାଖଣ୍ଡରେ ଝୁଲିବା ତାଲିକାରୁ ନାଆଁଟା କଟିଯିବ !

ଅମାସ୍—କିନ୍ତୁ ତା କେମିତି ସମ୍ଭବ ? ସମାଜ, ଶାସନ ସବୁ ବଦଳିଯାଇଛି । ବର୍ତ୍ତମାନ ମୁଁ ଚିତ୍କାର କରି ତୁମକୁ ନିଃସ୍ୱ ଦରିଦ୍ର ବୋଲି ପ୍ରଚାର କଲେ କିଏ ବିଶ୍ୱାସ କରିବ ?

ସାଇଲକ୍—ଚିତ୍କାର କରିବା ଦରକାର ନାହିଁ, ଆଜ୍ଞା ! ଖାଲି କାଗଜ କଲମର କାମ । ଗୋଟାଏ ଶ୍ରେଷ୍ଠ ଦାନପତ୍ର !

ଅମାସ୍—ଦାନପତ୍ର ?

ସାଇଲକ୍—ହଁ, ଆଜ୍ଞା, ବର୍ଷକ ତଳେ ମୋର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ମୁଁ ଦରିଦ୍ରମାନଙ୍କ ସେବାପାଇଁ ପ୍ରଭୁ ଯୀଶୁଙ୍କ ଚରଣତଳେ ଅର୍ପଣ କରିଦେଇଛି । ଆଉ ଆପଣ ଚର୍ଚ୍ଚ ତରଫରୁ ତାହା ଗ୍ରହଣ କରିଛନ୍ତି ବୋଲି ଖଣ୍ଡିଏ ସ୍ୱୀକୃତିପତ୍ର ଲେଖିଦେଲେ କାମ ଶେଷ ।

ଅମାସ୍—ବର୍ଷକ ତଳେ ! ଅର୍ଥାତ୍ ପଛ ତାରିଖରେ ତୁମେ ତୁମର ସମସ୍ତ ସମ୍ପତ୍ତି ଚର୍ଚ୍ଚକୁ ଦାନ କରିଛ ବୋଲି ଲୋକଙ୍କୁ ଦେଖାଇବାକୁ ଚାହୁଁଛ ?

ସାଇଲକ୍—ଆଜ୍ଞା, ବୁଝୁଛନ୍ତି ତ, ମୁଁ ଆଉ ଅଧିକ କଣ କହିବି ? ପ୍ରଭୁଙ୍କ ଅପାର କରୁଣା ଆଉ ଆପଣଙ୍କ ଆଶିଷ ବଳରେ ଏ ଅଧମ ରାସ୍ତାର ଭିକାରିରୁ ଲକ୍ଷପତି କୋଟିପତି ହୋଇଥିଲି । ଆଉ ଆଜି ସେଇମାନଙ୍କ କୃପା ମତେ ପୁଣି ରାସ୍ତାର ଭିକାରି କରିଦେଉ, ଏତିକି ମୋର ନିବେଦନ ।

ଅମାସ୍—କିନ୍ତୁ ତା କରିବାକୁ ଗଲେ ଚର୍ଚ୍ଚର କାଗଜପତ୍ରରେ ଅନେକ ଅଦଳବଦଳ କରିବାକୁ ପଡ଼ିବ ।

Source: Author, Digitized by PPRACHIN, SOA

ସାଇଲକ୍—ପଢ଼ିବ ଆଜ୍ଞା, ନିଶ୍ଚୟ ପଢ଼ିବ । ସେଥିରେ ଅନେକ ଜଞ୍ଜାଳ । ହେଲେ ଆଜ୍ଞା, ମୋ ମୁହଁକୁ ଚାହିଁ ସେସବୁ ଜଞ୍ଜାଳ ମୁକୁଳେଇବେ । ଆଉ ସେଇଥିପାଇଁ···

(ଟଙ୍କା ଥଳି ଦେଖାଇଲା)

ଥମାସ୍—ଏ କ'ଣ ? ତୁମେ ଭାବୁଛ ମୁଁ ତମଠୁ ଟଙ୍କା ଆଶା କରୁଛି ?

ସାଇଲକ୍—ନାହିଁ ଆଜ୍ଞା, ଆପଣଙ୍କ ପାରିତୋଷିକ ।

ଥମାସ୍—ତମେ ମତେ ଲାଞ୍ଚ ଯାଚୁଛ ?

ସାଇଲକ—(ବଦ୍ରୁ ପରେ) ତା'ହେଲେ ସବୁକ ଭିତରେ ପୃଥିବୀଟା ଓଲଟପାଲଟ ହେଇଗଲା ନା କଣ ?

ଥମାସ୍—ସାଇଲକ୍ !

ସାଇଲକ୍—ମନେହଉଛି, ଭୁଲରେ ନିମିତ୍ତ ସ୍ୱର୍ଗ ଭୂଇଁରେ ଆସି ପହଞ୍ଚିଯାଇଛି । ଏଠି ଲାଞ୍ଚ, ମିଛ, ଅନ୍ୟାୟ, ଅନୀତି, ଦୁର୍ନୀତି କିଛି ନାହିଁ । ଖାଲି ସତ୍ୟ, ସାଧୁତା, ଦୟା, କ୍ଷମା ।

ଥମାସ୍—ତମେ ମତେ ଅପଦସ୍ଥ କରିବାପାଇଁ ଏଠିକି ଆସିଛ ?

ସାଇଲକ୍—ଆଜ୍ଞା ନା, ଆପଣଙ୍କୁ ପୁଣି ଅପଦସ୍ଥ କରିବ କିଏ ? ଆପଣ ଖୋଦ୍ ପ୍ରଭୁଙ୍କର ସିଂହାସନ ଉହାଡ଼ରେ ଅଛନ୍ତି । ଲୋକେ ଆପଣଙ୍କୁ ସମ୍ମାନ ଦିଅନ୍ତି, ଭକ୍ତି କରନ୍ତି, ପୂଜା କରନ୍ତି···

ଥମାସ୍—ତମେ ମୋ ଭିତର କଥାଟା ଜାଣିଛ ବୋଲି ମତେ ଧମକାଇବାକୁ ଆସିଛ ?

ସାଇଲକ୍—ଧମକ ଦେବାକୁ ଆସିନି, ଆଜ୍ଞା ! ଯଦି ଦରକାର ପଡ଼େ ତେବେ ଧମକ ଦେବାକୁ ଡରିଲେ ହେଲେ ବି ପଛେଇବିନି ।

ଥମାସ୍—ସାଇଲକ୍ !

ସାଇଲକ୍—ଆପଣ ମୋର ସବୁ ଖବର ଜାଣିଚନ୍ତି, ଆପଣ ମୋ ଅନ୍ୟାୟ ଅନୀତିରେ ଭାଗ ନେଇଛନ୍ତି, ଏକଥା କଣ ମତେ ପୁଣି ମୁହଁ ଖୋଲି କହିବାକୁ ପଡ଼ିବ ?

Source: Author, Digitized by PPRACHIN, SOA

ଥମାସ୍—ଚୁପ୍ କର ସାଇଲକ୍ ! ଚୁପ୍ କର ।

ସାଇଲକ୍—କାହିଁକି ? କ'ଣ, ଭୟ କରୁଚନ୍ତି ? ଆଜ୍ଞା, ଏଠି ପ୍ରଭୁ ଯୀଶୁଙ୍କ ଛଡ଼ା ଆଉ କେହି ନାହାନ୍ତି ।

ଥମାସ୍—ଇସ୍, କି ନିର୍ଲଜ୍ଜ ତମେ !

ସାଇଲକ୍—ମୁଁ ନିର୍ଲଜ୍ଜ ? ଆଉ ଆପଣ ? ଯିଏ ମତେ ଦୁର୍ମତି ଶିଖେଇଲେ, ଯିଏ ମତେ ଶିଖେଇଲେ ଶିଶୁଖାଦ୍ୟରେ ଅପମିଶ୍ରଣ ?

ଥମାସ୍—ସାଇଲକ୍ ! ଏତିକିବେଳେ ତମର ଏସବୁ କହିବାକୁ ଥିଲା ?

ସାଇଲକ୍—ନା, ଏସବୁ କହି ମୁଁ କହିବାକୁ ଆସିନି । ଖାଲି କହିବାକୁ ଆସିଚି, ଘଣ୍ଟାର ବଖାଣ୍ଟରେ ଝୁଲି ମୁଁ ମରିପାରିବିନି ! ଜୀବନ ପ୍ରତି ମୋର ଅନେକ ମମତା । ଜୀବନରେ ମୋର ଅନେକ ଆଶା, ଆକାଂକ୍ଷା, ଉପଭୋଗ ମୋ ପାଇଁ ବାକି ଅଛି । ଆପଣ ମତେ ବଞ୍ଚିବାକୁ ଦିଅନ୍ତୁ ।

ଥମାସ୍—Alright, I will help you. ମୁଁ କଥା ଦଉଚି ତୁମକୁ ସାହାଯ୍ୟ କରିବି । ତମେ ଆଉ ଚିତ୍କାର କର ନାହିଁ ।

ସାଇଲକ୍—ପ୍ରଭୁ ଯୀଶୁଙ୍କର ଅପାର କରୁଣା । (ପାଦତଳେ ପଡ଼ିଗଲା । ଏତିକିବେଳେ ବାହାରେ ସାଇରେନ୍ ବାଜିଉଠିଲା) ଏଇ, ସେମାନେ ଆସିଗଲେ ନା କ'ଣ ! କୁଆଡ଼େ ଯିବି ? କଣ କରିବି ? ମତେ ବଞ୍ଚାନ୍ତୁ ।

ଥମାସ୍—ସିଏ ଆସିବେ ଆସନ୍ତୁ । ଏଠା ଭିତରେ ତୁମେ ସମ୍ପୂର୍ଣ୍ଣ ନିରାପଦ ।

ସାଇଲକ୍—ନା, ନା, ମତେ ଦେଖିଲେ ସେମାନେ ମୁକ୍ତି ଦେବେନି । ତେଣୁ ଆପଣ ଆପଣଙ୍କ ଦକ୍ଷିଣା କି ମଠ ଶୀଘ୍ର ସାରିଦେଲେ ଭଲ ହୁଅନ୍ତା ।

ଥମାସ୍—ଦ୍ରୁତ, ଭିତରେ ଯାଇ ଅପେକ୍ଷା କର । ମୁଁ ପରେ ପରେ ଯାଉଚି ।

ସାଇଲକ୍—ଆଜ୍ଞା, ଭିତରକୁ ନୁହେଁ, ଏକାଦମ ଅନ୍ଦର ମହଲକୁ । କାରଣ ଏଠି ଆପଣଙ୍କର ଜନ୍ ବେ କି ଯେଉଁ ନୂଆ ଟେଲିଷ୍ଟା ଅଛି, ସେଠିକୁ ମୋର ଭାରି ସନ୍ଦେହ । ମନେ ହୁଏ ସେ ଆଡ଼ିନୀ ଭଲ ଲୋକ ନୁହେଁ ।

Source: Author, Digitized by PPRACHIN, SOA

ଅମାସ୍—ନା, ସେ ଭଲ ଲୋକ ।

ସାଇଲକ୍—ତେବେ ଖୁବ୍ ଭଲ···ଅନ୍ଧକାରରେ ଭଲ । ଏଇ ଅନ୍ଧକାରରେ ଭଲ ହେବାଟା ଆମ ପାଇଁ କନ୍ତୁ ଆଦୌ ଭଲ ନୁହେଁ । ସେଇଥିପାଇଁ ମୁଁ କହୁଥିଲି ମାଟିତଳର ସେଇ ନିର୍ଜନ ଘରଟାକୁ ଯାଇଥିଲେ ଭଲ ହୋଇଥାନ୍ତା ।

ଅମାସ୍—ମାଟିତଳର ସେଇ ଗମ୍ଭୀର ଘର ? ନା, ସେଠି ଚର୍ଚ୍ଚର ବହୁ ମୂଲ୍ୟବାନ ସମ୍ପତ୍ତି ଅଛି ।

ସାଇଲକ୍—ଜାଣେ ଆଜ୍ଞା, ଜାଣେ । ସେ ସବୁତ ଆପଣଙ୍କ ମାରଫତରେ ଅଛି । କିନ୍ତୁ ଗ୍ରେଗ ଯିବନ, ଆଜ୍ଞା ! ସାଇଲକ୍ ତ ନବ ପାଇଁ ଆସିନ, ଦବାପାଇଁ ଆସିଛ ।

(ହେଁଙ୍କ ଥଳି କାଢ଼ିଲେ—ଅମାସ ଥଳି ନେଲେ ।)

ଅମାସ୍—ଜନ୍ ! ଜନ୍ ! (ଜନ୍ ଆସିଲେ) ସାଇଲକଙ୍କୁ ନେଇ ମୋ ରହିବା-ଘରେ ବସେଇଦଅ ।

ଜନ୍—ଫାଦର ! ମତେ ତ ଆପଣ ସେଠିକି ଯିବାକୁ ବାରଣ କରିଥିଲେ ?

ଅମାସ୍—ଆଃ, ବାଜେକଥା କୁହନା । ସେ ମୋର ନିଜର ଲୋକ । ଯାଅ··· ନେଇଯାଅ ।

ଜନ୍—ହଉ ଫାଦର ! (ଜନ୍ ଓ ସାଇଲକ୍ ପ୍ରସ୍ଥାନ)

ଅମାସ୍—ସାବଧାନରେ ଯିବ । ଘୁଟୁଘୁଟୁ ଅନ୍ଧାର ।

[ଅମାସ ସେମାନଙ୍କର ଯିବା ପଥକୁ ଚାହିଁ ରହିଥିଲେ । ବାହାରେ ଖୁବ୍ ନିକଟରେ ସାଇରେନ ଶବ୍ଦ । ହଠାତ୍ ବନ୍ଧୁକର ଶବ୍ଦ ସଙ୍ଗେ ସଙ୍ଗେ ଘରକୁ ପଶିଆସିଲେ ଜର୍ଜ, ଉଗ୍ରପନ୍ଥୀ ଦଳର କ୍ୟାପଟେନ୍ । ବୟସ ୨୪/୨୫ ବର୍ଷ, ସୁସ୍ଥ ସବଳ ଯୁବକ । ହାତରେ ବନ୍ଧୁକ । ପରିଧାନ ମିଲିଟାରି ପୋଷାକ । ସେଥିରେ ଉଗ୍ରପନ୍ଥୀ ଦଳର ବ୍ୟାଜ୍ ଲାଗିଥାଏ ।]

Source: Author, Digitized by PPRACHIN, SOA

ଜର୍ଜ—(ଅମାସଙ୍କୁ ଲକ୍ଷ୍ୟକରି) Hands up !

ଅମାସ୍—(ବୃଦ୍ଧାତ ଠେକ ନରୀକ୍ଷଣ କରି) ଆରେ ଜର୍ଜ, ତୁ ! ଏ କ'ଣ ? ମୁଁ ତ ତତେ ଦେଖି ଡରଯାଇଥିଲି । ତୁ ଇମିତ ଅଦ୍ଭୁତ ପୋଷାକରେ ?

ଜର୍ଜ—ନା, ଏଇଟା ଅଦ୍ଭୁତ ପୋଷାକ ନୁହେଁ । ଏଇଟା ଆମର ଇଉନିଫର୍ମ । ଆଉ ଏଇ ବନ୍ଧୁକଟା ବି ଗ୍ରେଟ ପିଲଙ୍କ ଖେଳନା ବନ୍ଧୁକ ନୁହେଁ । (ଅମାସଙ୍କ ଗୁଣ୍ଡରେ ବନ୍ଧୁକ ଲଗାଇଲେ)

ଅମାସ୍—(ଭୟରେ) ପରିହାସ କରିବାକୁ ଲୋକ ପାଇଲୁନି ?

ଜର୍ଜ—ହଁ, ପରିହାସ ଆଜିଯାଏ ଆପଣ ଆମକୁ କରୁଥିଲେ । ବର୍ତ୍ତମାନ ଆମେ ଆପଣଙ୍କୁ ପରିହାସ କରିବାର ବେଳ ଆସିଚି ।

ଅମାସ୍—ଇମିତ କଥା କହୁଚୁ ଯେ ? କଣ ନିଶା ଖାଇଚୁ କିରେ ?

ଜର୍ଜ—Shut up ! ମୁଁ ଉଗ୍ରପନ୍ଥୀ ଦଳର କ୍ୟାପଟେନ । ମୁଁ ନିଶା ସ୍ପର୍ଶ କରେନା ।

ଅମାସ୍—ଓ……ଉଗ୍ର ପନ୍ଥୀ ଦଳର ନେତା ତତେ କ୍ୟାପଟେନ ସଜେଇ-ଦେଇଛନ୍ତି ? ତା ମାନେ ତୁ ସେ ଦଳରେ ଯୋଗ ଦେଇଚୁ,ନା କ'ଣ ? ଠିକ୍ ଅଛି । ଶାସନ ଯେତେବେଳେ ବଦଳିଛି, ତମେମାନେ ଯାହା ଇଚ୍ଛା ତା କରିପାର; କିନ୍ତୁ ଏ ଚର୍ଚ୍ଚ ଭିତରେ କାହିଁକି ?

ଜର୍ଜ—ଇତିହାସ କହେ, ସବୁ ଯୁଗରେ ଦୁର୍ନୀତି ଆରମ୍ଭ ହେଇଚି ଏଇ ଧର୍ମ ପୀଠରୁ । ଯେଉଁମାନେ ନୀତି ନିୟମ ଗଢ଼ିଥା'ନ୍ତି, ସେଇମାନେହିଁ ନିଜ ହାତରେ ନୀତି ନିୟମ ଭାଙ୍ଗନ୍ତି ନିଜର ସ୍ୱାର୍ଥ ପାଇଁ ।

ଅମାସ୍—ତୁ କଣ ଆଶା କରୁଚୁ ଆମେ ସିମିତ କିଛି ଏଠି କରୁଚୁ ?

ଜର୍ଜ—ହଁ, ସେଇଥିପାଇଁ ସନ୍ଦେହ କରି ମୁଁ ଏଠାକୁ ଆସିଚି । ଆସିଚି ଜଣେ ଦୁର୍ନୀତି-ଗ୍ରସ୍ତ ଲୋକକୁ follow କରି ।

ଅମାସ୍—ଦୁର୍ନୀତିଗ୍ରସ୍ତ ଲୋକ ! ସେ କିଏ ?

Source: Author, Digitized by PPRACHIN, SOA

ଜର୍ଜ—ଆଜି ଦୁର୍ନୀତିଗ୍ରସ୍ତ ମଣିଷ ହେଉଛନ୍ତି ମେମ୍ବରମାନେ, ଯେଉଁମାନେ ଯୁଗ ଯୁଗ ଧରି ଚର୍ଚ୍ଚଘରରେ ସାଧାରଣ ଜନତାକୁ ଶୋଷଣ କରୁଥିଲେ ।

ଅମାସ୍—କିନ୍ତୁ ତୁ ଖୋଜୁଚୁ କାହାକୁ ?

ଜର୍ଜ - ସାଇଲକ୍ । ଏ ସହରର ବଡ଼ ଶିଳ୍ପପତି ।

ଅମାସ୍—କିନ୍ତୁ ସାଇଲକ କ'ଣ ଦୁର୍ନୀତିଗ୍ରସ୍ତ ?

ଜର୍ଜ—କମ୍ପାନୀ ଶିଶୁମାନଙ୍କ ଖାଦ୍ୟରେ ଅପମିଶ୍ରଣ କରି ଟିଏ ଲକ୍ଷ ଲକ୍ଷ ଆଗାମୀ ବଂଶଧରଙ୍କ ଜୀବନ ବିପନ୍ନ କରେ । ତା'ଠାରୁ ବଳି ଅପରାଧୀ, ଦୁର୍ନୀତିଗ୍ରସ୍ତ ଆଉ କିଏ ହୋଇପାରେ ?

ଅମାସ୍—କିନ୍ତୁ ସେ ଏଠି ଅଛି ବୋଲି ତତେ କିଏ କହିଲା ?

ଜର୍ଜ—ତାଙ୍କ ସହରରେ ସହରର ସମସ୍ତ ଶିଳ୍ପପତିଙ୍କୁ ଗିରଫ କରାଯାଇଚି । ଅଥଚ ସେଇ ଲୋକଟା ଏ ପର୍ଯ୍ୟନ୍ତ ଧରାପଡ଼ିନି ।

ଅମାସ୍—ହୋଇପାରେ; କିନ୍ତୁ ସେ ଏଠିକି ରହିବାକୁ ଆସିବ ?

ଜର୍ଜ—ଆପଣ ହଠ କହୁଚନ୍ତି ସେ ଏଠିକି ଆସିନି ?

ଅମାସ୍—ଦେଖ ଜର୍ଜ ! ତୁ ଏ ଚର୍ଚ୍ଚକୁ ଅନେକଥର ଆସିଚୁ । ଅନେକଥର ଏଠି ସମସ୍ତଙ୍କ ସହିତ ପ୍ରାର୍ଥନାସଙ୍ଗୀତ ଗାଇଚୁ । ଏତେଦିନ ପରେ ତୁ ମତେ ସନ୍ଦେହ କରୁଚୁ ? ତା ପରେ ତୁ କି ବିଶ୍ୱାସ କରୁଚୁ ଫାଦର ଅମାସ୍ ମିଛ କହିପାରେ ?

ଜର୍ଜ—ବିଶ୍ୱାସ ଅବିଶ୍ୱାସର ପ୍ରଶ୍ନ ଉଠୁନି । ମୋ ଉପରସ୍ଥ ଅଫିସରଙ୍କ ନିର୍ଦ୍ଦେଶାନୁ-ଯାୟୀ ମୁଁ ଏଠିକି ଆସିଚି ସର୍ଚ୍ଚ କରିବାପାଇଁ । ଆଉ ସର୍ଚ୍ଚ କରି ଫେରିଯିବି ।

ଅମାସ୍—ତୁ ଏଠାରେ ଅନୁସନ୍ଧାନ କରି ଦେଖିବୁ ? ଠିକ୍ ଅଛି । ଏଥିରେ ମୋର ଆପତ୍ତି କରିବାର କଣ ଅଛି ? ହେଲେ ଜର୍ଜ, ତୋର ବୁଝିବା ଉଚିତ ଯେ ଏଇଟା ଏଗୋଟାଏ ଚର୍ଚ୍ଚ । ଯୀଶୁ'ର ପବିତ୍ରତା ଅଛି । ସମ୍ମାନ ଅଛି । ସେଇ ସମ୍ମାନ ନଷ୍ଟ ହେଲାଭଳି କୌଣସି କାମ ତୁ କରିବୁନି । ତୋ ବାପ ଏଇଠି ଗୁଜର କରୁଥିଲା··· ··

Source: Author, Digitized by PPRACHIN, SOA

ଜର୍କ—ହଁ, ମୁଁ ଜାଣେ । ମୋ ବାପ ଏଇ ଚର୍ଚ୍ଚରେ ଘଣ୍ଟା ବାଉଁଡ଼ି ଧରି ସାଗ୍ରା ଜୀବନ କଟେଇଦେଲା । ଆପଣ ଘୃଣିଥିଲେ ମୁଁ ବି ସେଇୟା କରିଥାନ୍ତି, ନା ?

ଅମାସ୍—ସେଇଟା କେବଳ ପବିତ୍ର କାମ ବୋଲି ତୁମେ ବୁଝିନ ? ଏ ଚର୍ଚ୍ଚର ସେବା କରି ତୋ ବାପ ଯେଉଁ ପୁଣ୍ୟ ଅର୍ଜନ କରିଥିଲା, ତା'ର ଫଳରେ ତୁ ପାଠ ପଢ଼ିଲୁ, ବି: ଏ: ପାସ୍ କଲୁ, ଭଲ ମଣିଷ ହେଲୁ ।

ଜର୍କ—ନା ! ଏମିତି ଭଲ ମଣିଷ ହେବାକୁ ମୁଁ ଚାହେଁନା । ଆଜିକାଲି ଦୁନିଆରେ ଭଲ ମଣିଷ ହେବା ବୋକାମି ।

ଅମାସ୍—ବୋକାମି ?

ଜର୍କ—ହଁ, ଯେଉଁ ବୋକାମିର ସୁଯୋଗ ନେଇ ତୁମେ ଯୁଗ ଯୁଗ ଧରି ଆମକୁ ଶୋଷଣ କରିଚ, ଲୁଣ୍ଠନ କରିଚ, ଶାସନ କରିଚ ।

ଅମାସ୍—ଶୋଷଣ କରିଚୁଁ ? ଶାସନ କରିଚୁଁ ? ଲୁଣ୍ଠନ କରିଚୁଁ ?

ଜର୍କ—କରିନାହଁ ? ଧର୍ମ, ଈଶ୍ୱର, ନୀତି ନିୟମ, ପାପ ପୁଣ୍ୟ ଏ ସବୁ ଶିଖେଇଚି କିଏ ? ତୁମେମାନେ ତ ?

ଅମାସ୍—କିନ୍ତୁ ଏ ସବୁ ଶିଖେଇ ଆମେ କ'ଣ ଭୁଲ କରିଚୁଁ ?

ଜର୍କ—ହଁ, ଭୁଲ କରିଚ । ଚରମ ଭୁଲ କରିଚ । ପୁରୁଷକୁ କାପୁରୁଷ କରିଚ, ପଙ୍ଗୁ କରିଚ, ଅଥର୍ବ କରିଚ ।

ଅମାସ୍—ଜର୍କ !

ଜର୍କ—ଆଉ ନିଜେ ପାପପୁଣ୍ୟ, ନୀତି ନିୟମର ରକ୍ଷାକବଚ ସାଜି ସମସ୍ତଙ୍କୁ ଲୁଣ୍ଠନ କରିଚ ।

ଅମାସ୍—ଆରେ, ଏ ସବୁ ତତେ କିଏ ଶିଖେଇଲା ?

ଜର୍କ—ତୁମେ ଭାବିଥିଲ ସବୁଦିନେ ଲୋକେ ଅନ୍ଧାରରେ ଥାଆନ୍ତେ, ସବୁଦିନେ ତୁମକୁ ପୂଜା କରୁଥାନ୍ତେ, ଆଉ ପୂଜା କରୁଥାନ୍ତେ ଏଇ କାଠ, ପଥର, ବ୍ରୋଞ୍ଜର ନିର୍ଜୀବ ପ୍ରତିମାକୁ ? ନା, ତା ହୋଇପାରେନା । ଆଜି ସେମାନଙ୍କର ଆଖି ଖୋଲିଯାଇଛି । ସେମାନେ ଜାଣିଛନ୍ତି ଏ ସବୁ ମିଛ,

Source: Author, Digitized by PPRACHIN, SOA

ଭଣ୍ଡାମି, ଧପ୍ପାବାଜି । ଦୁନିଆରେ ଭଗବାନ ବୋଲି କିଛି ନାହିଁ । ପାପ-ପୂଣ୍ୟ, ସ୍ୱର୍ଗନର୍କ, ଏ ସବୁ ମିଛ । ସବୁ ମଣିଷର ମନଗଢ଼ା ପାହ୍ଚ ।

ଥମାସ୍—ଏ କଥା ତୁ କହିପାରୁଛୁ ଜର୍ଜ ?

ଜର୍ଜ—ହଁ, କହିପାରୁଛି । କେବଳ କହିବା କଥା ନୁହେଁ, କାମରେ ବି ସେକଥା ପ୍ରମାଣ କରିବୁଁ । ଆଜି ଦେଶରେ ଯେଉଁ ନୂଆ ଜାଗରଣ ଆସିଛି ସେ ଜାଗରଣ ଏକ ପ୍ରଳୟଙ୍କରୀ ବନ୍ୟା, ଯେଉଁ ବନ୍ୟାର ଉଦ୍ଦାମ ପ୍ରଖର ସ୍ରୋତରେ ଅତୀତର ସବୁ କୁତ୍ସିତ ପରମ୍ପରା ଭଙ୍ଗିଚୂରି ବିଲୁପ୍ତ ହୋଇଯିବ । ମଣିଷ ଖାଲି ବଞ୍ଚିବ ବର୍ତ୍ତମାନକୁ ନେଇ···ବର୍ତ୍ତମାନର ଦାବୀକୁ ନେଇ ।

ଥମାସ୍—କିନ୍ତୁ ତମେମାନେ ଯାହା କରିବାକୁ ଯାଉଛ ତା ଚରମ ହିଂସା ।

ଜର୍ଜ—ହଁ, ଅହିଂସାର ସ୍ଲୋଗାନ ତ ବହୁଦିନରୁ କରାଯାଇଛି । କିନ୍ତୁ ତା'ଦ୍ୱାରା କୌଣସି ସମସ୍ୟାର ସମାଧାନ ହୋଇନାହିଁ । ବରଂ ଦୁର୍ନୀତି ପାଇଛି ପ୍ରଶ୍ରୟ । ଦେଖାଯାଉ ଏଥର ବନ୍ଧୁକଗୁଳିରେ ସେ ସବୁର ସମାଧାନ ହୋଇ-ପାରୁଛି କି ନା ?

[ଏତିକବେଳେ ପ୍ରବେଶ କରନ୍ତି ଜନ୍ । ହାତରେ ଗୋଟେ ଏ ଟଙ୍କା ଥଳି ।]

ଜନ୍—ଫାଦର, ସେ ଭଦ୍ରବ୍ୟକ୍ତିଙ୍କୁ ମୁଁ ଭିତର ଘରେ ବସେଇଦେଇଛି । କିନ୍ତୁ ଆଶ୍ଚର୍ଯ୍ୟ କଥା, ସେ ମୋ ହାତରେ ଏଇ ଟଙ୍କାଥଳିଟା ଧରେଇଦେଲେ । ଏଇଟା ନେଇ ମୁଁ କ'ଣ କରିବି, ଫାଦର ?

ଥମାସ୍—(ତରତରାଇ ପରିସ୍ଥିତି ସୁଧାରିବାକୁ ଯାଇ) ମହତ୍ତ୍ୱ ବ୍ୟକ୍ତି···ମହାତ୍ମା କହିଲେ ଚଳେ । ମୋ ହାତରେ ମଧ୍ୟ ଥଳିଏ ଟଙ୍କା ଦେଇଯାଇଛନ୍ତି । ତାଙ୍କର ଉଦ୍ଦେଶ୍ୟ ଏ ସବୁ ପ୍ରଭୁଙ୍କ ସେବାପୂଜାରେ ଲାଗିବ । ଯାଅ, ଏ ଦୁଇଟି ଯାକ ଟଙ୍କାଥଳି ନେଇ ହିସାବଖାତରେ ଚନ୍ଦାବଲରେ ଜମା କରିଦିଅ ।

ଜନ୍—ହଉ ଫାଦର ! (ଟଙ୍କାଥଳି ନେଇ ଯିବାବେଳେ)

ଜର୍ଜ—ପ୍ରିୟ ଜନ୍ ! କିଏ ସେ ମହତ୍ତ୍ୱ ବ୍ୟକ୍ତି ? କିଏ ସେ ମହାତ୍ମା ?

ଥମାସ୍—ସେ ବୁଢ଼ା ଲୋକଟିଏ । ଅନେକ ଦୂରରୁ ଆସିଛି ।

Source: Author, Digitized by PPRACHIN, SOA

ଜର୍ଜ—ତା'ହେଲେ ଆମ ଅଫିସରେ ଧନୀଲୋକମାନଙ୍କର ଯେଉଁ ତାଲିକା ଅଛି ସେଥିରେ ତା'ର ନାଆଁ ନିଶ୍ଚୟ ଥିବ ?

ଅମାସ୍—ନା, ସେ ସିମିତ କିଛି ବଡ଼ ଧନୀ ନୁହେଁ । ସେ ଜଣେ ସାଧାରଣ ଲୋକ ।

ଜର୍ଜ—(ଥଳିକୁ ଧରି) କିନ୍ତୁ ଏ ଥଳି ଦୁଇଟା ଯେ ଅସାଧାରଣଭାବେ ଭାରି ହୋଇଛି ବୋଲି ମନେ ହୁଏ ।

ଅମାସ୍—ନା, ନା, ସେ କିଛି ନୁହେଁ ।

ଜର୍ଜ—କିଛି ନୁହେଁ ?

ଅମାସ୍—(ଛଳନାରେ ହସି) ଜର୍ଜ ! ଦେଖୁଚି, ତୁ ରାଜନୈତିକ ଦଳରେ ଯୋଗଦେବା ପରେ ପ୍ରତି କଥାରେ ଅସମ୍ଭବଭାବେ ସନ୍ଦେହ କରିବା ଆରମ୍ଭ କରିଚୁ !

ଜର୍ଜ—ହଁ, ମୋର ଟ୍ରେନିଂ ମତେ ଶିଖେଇଚି ସମସ୍ତଙ୍କୁ ସନ୍ଦେହ କରିବା, ଅବିଶ୍ୱାସ କରିବା । ଆଜି ମୋର ସନ୍ଦେହଟା ଦୂର ନ କରି ମୁଁ ଯାଉନି । ପ୍ରିଷ୍ଟ ଜନ୍ ! ଆପଣ ଦୟାକରି ସେ ମହାତ୍ମାଙ୍କୁ ଏଠିକି ଡ଼ାକଦେଇପାରିବେ କି ?

ଅମାସ୍—ନା-ନା, ବରଂ ମୁଁ ନିଜେ ଯାଇ ତାଙ୍କୁ ଡାକିଆଣୁଚି । (ଯିବାକୁ ଉଦ୍ୟତ)

ଜର୍ଜ—ନା, ଆପଣ କୁଆଡ଼େ ଯାଇପାରିବେନି । ପ୍ରିଷ୍ଟ ଜନ୍ ! ଆପଣ ଯା'ନ୍ତୁ ଟିକିଏ ଡ଼ାକିଦେବେ ।

ଜନ୍—ଯାଉଚି । (ପ୍ରସ୍ଥାନ)

ଅମାସ୍—ମୋ ବିନା ଅନୁମତିରେ ତମେ ଯାଉଚ, ଜନ୍ ?

ଜର୍ଜ—Shut up, or I will shoot you dead.

[ବନ୍ଧୁକ ଦେଖାଇଛନ୍ତି । ଏତିକିବେଳେ ପ୍ରବେଶ କରିଛନ୍ତି ମାଇକେଲ, ଉଗ୍ରପନ୍ଥୀଦଳର କର୍ଣ୍ଣେଲ । ବୟସ ୩୫।୩୬ବର୍ଷ । ପରିଧାନ ସେଇ ଇୟୁନିଫର୍ମ । ହାତରେ ରିଭଲଭର ।]

ମାଇକେଲ୍—Well ଜର୍ଜ ! ମୁଁ ସମସ୍ତଙ୍କୁ ବାହାରେ ଜଗେଇଦେଇ ଆସିଚି । କିନ୍ତୁ ତମେ ଏ ଯାଏ ଏଠି କ'ଣ କରୁଚ ?

ଜର୍ଜ—ଆପଣ ଯାହା ନିର୍ଦ୍ଦେଶ ଦେଇଥିଲେ ତାହା ପାଳନ କରୁଚି ।

Source: Author, Digitized by PPRACHIN, SOA

ମାଇକେଲ୍—ନା, ଏଇଟା ହଉଚ ତମ ବାପାଙ୍କର ପୁରୁଣା ଜାଗା । ମୋର ମନେହଉଚ, ତମେ ଏଠାରୁ ଆସି ଭାବପ୍ରବଣ ହୋଇପଡ଼ୁଚ । ଆଉ ବୋଧହୁଏ ଏ ବୃତ୍ତାନ୍ତ ତୁମ ସହିତ ଗପିବାକୁ ଆରମ୍ଭ କରଚ ।

ଜର୍ଜ—ଆପଣ ମତେ ଅଯଥା ସନ୍ଦେହ କରୁଚନ୍ତି । ସେ ଧରଣର sentiment ମୋର ନାହିଁ ।

ମାଇକେଲ୍—Don't waste a minute. Finish up your search.

ଜନ୍—(ପ୍ରବେଶି) ଫାଦର ! ସେ ଲୋକଟା ସେଠି ନାହିଁ !

ଜର୍ଜ—ନାହିଁ ? ଚଲି କୁଆଡ଼େ ?

ଜନ୍—ମାଟିତଳକୁ ସେଠି ଯେଉଁ ସୁଡ଼ଙ୍ଗ ରାସ୍ତା ରହିଚ ସେଠି କବାଟ ଭଙ୍ଗାହେବାର ମୁଁ ଦେଖିଲି ।

ଜର୍ଜ—I see ! ତା'ହେଲେ ସେଇବାଟେ ସେ ପଳେଇଗଲା ?

ମାଇକେଲ୍—ଦେଖିଲ ! ତୁମକୁ ବୋକା ବନେଇ ସେ ଲୋକଟା କିମିତି ପଳେଇଗଲା ! Alright, କେତେବାଟ ଅବା ଯିବ ! ଜର୍ଜ, ତମେ ଆସ । ମୁଁ ବାହାରେ ସମସ୍ତଙ୍କୁ ନେଇ ତାକୁ follow କରୁଚି । (ପ୍ରସ୍ଥାନ)

ଥମାସ୍—ମୋର କିନ୍ତୁ ଏଥିରେ କିଛି ଦୋଷ ନାହିଁ ଜର୍ଜ, ମତେ କ୍ଷମାକର ।

ଜର୍ଜ—ନା, ଦୋଷ ଆପଣଙ୍କର ନୁହେଁ, ଦୋଷଟା ମୋର । କାରଣ ମୁଁ ଆପଣଙ୍କୁ ବିଶ୍ୱାସ କରିଥିଲି । ବିଶ୍ୱାସ କରିଥିଲି କାରଣ ଆପଣ ଫାଦର ଥମାସ୍ । ଆପଣ ଜଣେ ଧର୍ମଯାଜକ । ହଉ,ପୁଣି ଦେଖାହେବ । ଆଉ କାହାକୁ ବିଶ୍ୱାସ କରିବା ଉଚିତ ନୁହେଁ । (ବନ୍ଧୁକକୁ ଚୁମ୍ବନ ଦେଇ ପ୍ରସ୍ଥାନ)

ଜନ୍—ଲୋକଟା ଏତେଗୁଡ଼ାଏ ଟଙ୍କା ଦାନ କରିବାକୁ ଆସିଥିଲା, କିନ୍ତୁ କିମିତି ଖବରରେ ଲୁଚି ପଳେଇଲା କାହିଁକି ?

ଥମାସ୍—(ସ୍ୱଗତ) କାହିଁକି ? ତମରି ପାଇଁ ।

[ଜନ୍‌କୁ ଗୋଟାଏ ଚାପୁଡ଼ା ମାରି ଭିତରକୁ ଚାଲିଗଲେ]

— ଡ୍ରପ୍ —

Source: Author, Digitized by PPRACHIN, SOA

ଦ୍ୱିତୀୟ ଅଙ୍କ

[ପୂର୍ବର ସେଇ ଚର୍ଚ୍ଚ ଭିତରର ଦୃଶ୍ୟ । ମାତ୍ର ଯୀଶୁଖ୍ରୀଷ୍ଟଙ୍କ ମୂର୍ତ୍ତି ପରିବର୍ତ୍ତେ ସେ ସ୍ଥାନରେ ଅଛି ବନ୍ଧୁକ, ସ୍କ୍ରୁବୁକ ଏବଂ ଘରେ ଚେୟାର, ଟେବୁଲ ଓ ଫାଇଲ ରଖିବାର ର୍ୟାକ୍ । ଦେଖାଗଲା, ଜନ୍ ଚେୟାର, ଟେବୁଲ ପରିଷ୍କାର କରୁଛନ୍ତି । ପ୍ରିଷ୍ଟ ପୋଷାକ ପରିବର୍ତ୍ତେ ପିନ୍ଧିଛନ୍ତି ଫୁଲ୍‌ପ୍ୟାଣ୍ଟ୍ ଓ ଜାମା । ପ୍ରବେଶ କରିଛନ୍ତି ଅମାସ୍ ଝାଳନାଳ ହୋଇ । ହାତରେ କୋଡ଼ି ବେଲ୍‌ଚା । ପରିଧାନ ମଇଳା ଟ୍ରାଉଜର ଓ ଗେଞ୍ଜି ।]

ଅମାସ୍—ବାଃ, ବେଶ୍ କାମ ପାଇଚ । ଗୁଛିତଳ, ପଙ୍ଖାପବନ, ବସିବା ପାଇଁ ଚଉକି ! ଆଉ ଚିନ୍ତା କ'ଣ ! ମୋ କପାଳ ଦେଖ. ଜଣେ ସିନ୍ଦୂରିଆ ପ୍ରିଷ୍ଟ, ବଡଶବର୍ମ ଧରି ଏ ଚର୍ଚ୍ଚକୁ ଚଳେଇ ଆସିଲି । ଆଉ ମତେ ଦିଆଯାଇଚି କ'ଣ ନା ବଗିଚା କାମ ।

ଜନ୍—ଆପଣ ଭୁଲ ବୁଝନ୍ତୁ ନାହିଁ, ପ୍ରିଷ୍ଟ ଅମାସ୍ ! ମତେ ଅଫିସ ପିଅନ କାମ ବଦଳରେ ବଗିଚା କାମ ଦେଲେ ବି ମୁଁ କରିବାକୁ ପ୍ରସ୍ତୁତ ଅଛି ।

ଅମାସ୍—ଥାଉ, ସେ ମନରଖା କଥା ଆଉ କୁହନ୍ତୁ ।

ଜନ୍—ବିଶ୍ୱାସ କରନ୍ତୁ । ଆପଣ ଯଦି କହୁଥିବେ ତା'ହେଲେ ଆଜି ମୁଁ କ୍ୟାପ୍‌ଟେନ୍‌ଙ୍କୁ କହିବି ଆମ ଦି'ଜଣଙ୍କର କାମର ଅଦଳବଦଳ କରିବାକୁ ।

Source: Author, Digitized by PPRACHIN, SOA

ଅମାସ୍—ନା, ଥାଉ । ଆମର କିଛି କହିବା ଦରକାର ନାହିଁ । ତାଙ୍କର ଯଦି ମନ କହିଲା, ମୋ ଭଳି ଜଣେ ବୁଢ଼ାଲୋକ ଏ କାମ କରିବ, ସେଥିରେ ତମର ମୁହଁ ଖୋଲିବା କ'ଣ ଦରକାର ?

ଜନ୍—ନା, ମୁଁ ମୋ ତରଫରୁ ସ୍ୱଇଚ୍ଛାରେ···

ଅମାସ୍—ନା, ନା, ହୁଏତ ଫଳ ଓଲଟା ହବ । ସେମାନେ କହିବେ, ବୁଢ଼ାଟା ଆଗ୍ରହ ଖୋଜିଚି । ଆଉ ତା'ପରେ ମତେ ନେଇ ଯାହା କରିବେ ସେଇଟା ମତେ କଳଜନା ହୋଇ ଦେଖାଯାଉଚି ।

ଜନ୍—କ'ଣ କରିବେ ?

ଅମାସ୍—ବୁଢ଼ାଲୋକଙ୍କୁ ସେମାନେ କ'ଣ କରୁଛନ୍ତି, ଶୁଣିନା ?

ଜନ୍—କ'ଣ କରୁଛନ୍ତି ? କାଇଁ ମୁଁ ତ କିଛି ଶୁଣିନି ।

ଅମାସ୍—ତମେ ତା'ହେଲେ କିଛି ଖବର ରଖୁନ ।

ଜନ୍—କାହିଁ, ରେଡିଓରେ କି ଖବରକାଗଜରେ ସିମିତି କିଛି ଖବର ବାହାରିନି ।

ଅମାସ୍—ସେସବୁ ଖବର କ'ଣ ଆଉ ଖବରକାଗଜରେ ବାହାରିବ, ନା ରେଡିଓରୁ ଶୁଣାଯିବ ! ସେ ସବୁ ତ ସରକାରଙ୍କର ଗୁଣକୀର୍ତ୍ତନ କରିବ.ରେ ବ୍ୟସ୍ତ ।

ଜନ୍—କ'ଣ ଶୁଣିଛନ୍ତି ଆପଣ ?

ଅମାସ୍—ମୁଁ ଶୁଣିଛି, ବୁଢ଼ାଲୋକଙ୍କୁ ସେମାନେ ଧାଡ଼ିକରି ଛିଡ଼ା କରେଇ ସିଧା ଗୁଳି କରିଦଉଚନ୍ତି ।

ଜନ୍—କାହିଁକି ?

ଅମାସ୍—ବୁଢ଼ାଙ୍କଦ୍ୱାରା ତାଙ୍କର କି କାମ ? ସେମାନେ ତ ଆଉ କଠିନ କାମ କରିପାରିବେନି । ବସିଖାଇବା ଯାହା ସାର । ତେଣୁ ରଖି ଲାଭ କ'ଣ ? ଯେତେଶୀଘ୍ର ସେଗୁଡ଼ାଙ୍କୁ ଶେଷ କରିଦିଆଯାଏ······

ଜନ୍—ଏ ସବୁ ମିଛ, ଗୁଜବ । କ'ଣ ମିଳିବ ସେଥିରୁ ?

Source: Author, Digitized by PPRACHIN, SOA

ଅମାସ୍—ମୁଁ ଜାଣେ, ତମେ ଏଇଆ କହିବ । ତମର ତ ସେମାନେ କିଛି ଅସୁବିଧା କରିନାହାଁନ୍ତି । ହଁ, ବେଳେବେଳେ ମୋର କାହିଁକି ସନ୍ଦେହ ହୁଏ, ତମେ ତାଙ୍କର ଗୁପ୍ତଚର ନୁହଁ ତ ?

ଜନ୍—କେଉଁଠିରେ ଆପଣ ମତେ ଏଇଆ ଭାବିଲେ ?

ଅମାସ୍—ନ ଭାବିବି କାହିଁକି ? ପ୍ରିଷ୍ଟରୁ ପିଅନ ହେଲ, ତଥାପି ତମର ଅପଶୋଷ ନାହିଁ !.

ଜନ୍—ନା, ଅବଶୋଷ କିଛି ନାହିଁ । ଅବଶୋଷ କରି ଲାଭ ବା କ'ଣ ? ନୂଆ ସରକାର । ସେମାନଙ୍କର ଅଭିଜ୍ଞତା ବା କେତେ ? ଯାହା ମନ ହଉଚି, କରନ୍ତୁ । ଆମ କାମ ଆମେ କରିଗଲେ ଗଲା ।

ଅମାସ୍—ହଁ, କହିବନି କାହିଁକି ? ଖରାତାତ ତମକୁ ତ ଆଉ ବାଧୁନି । ମୁଁ ଏଠି ଖଟିଖଟି ମରୁଚି । କ'ଣ ନା, ଚର୍ଚ୍ଚ ବଗିଚାରୁ ଫୁଲଗଛ କଟାହୋଇ ଗହମ-ବୃଷ ହବ । ଯେତେ ସବୁ ବେକାର ଧନ୍ଦା ।

ଜନ୍—ଆପଣ ଖରାରେ ଥକିପଡ଼ିଛନ୍ତି । ମତେ ଦିଅନ୍ତୁ, ମୁଁ କାମ କରିଦେବି । (କୋଡ଼ଟା ନଉଥିଲେ)

ଅମାସ୍—(ଛଡ଼େଇ) ନା । କ'ଣ ମତେ ମାଡ଼ ଖୁଆଇବାକୁ ମନ ?

ଜନ୍—ମାଡ଼ ?

ଅମାସ୍—ନୁହଁ ଆଉ କ'ଣ ! ଚାରିଆଡ଼େ ସୈନ୍ୟବାହିନୀ । ଗଳିକନ୍ଦିରେ ଗୁପ୍ତଚର । ଜାଣିଲେ ଆଉ ଅବସ୍ଥା ରହିବ ? ଖବର ଯାଇ ସିଧା ହେଡକ୍ୱାର୍ଟରରେ ପହଞ୍ଚିବ । ସେଠୁ ଲୋକ ଆସି ମତେ ଏଠି ନୂଆଁବାଙ୍କ କରିଦେଇଯିବେ । ଆଉ ତମେ ସେତେବେଳକୁ ଚୁପଚାପ୍ ବସି ଏଇଆ କରୁଥିବ । (ଏମେନ୍ ଜଲେ)

ଜନ୍—ନା, ନା, କେହି ଦେଖିବେନି । ମୁଁ ଆପଣଙ୍କ କାମ କରିଦେଇ ଆସିବି ।

(କୋଡ଼ ଛଡ଼ାଇଲେ)

ଅମାସ୍—ଓହୋ, ମନାକରୁଚି !

Source: Author, Digitized by PPRACHIN, SOA

[ଜନ୍ କୋଣ୍ଡ଼ ଛଡ଼େଇନେଇ ଚାଲିଗଲେ । ଅମାସ୍ ଏପାଖ ସେପାଖ ଦେଖି ଅସ୍ୱମରେ ଯାଇ ଚଉକରେ ବସିଲେ । ଟେବୁଲରେ ଗୋଡ଼ ରଖି ଶୋଇବାକୁ ଚେଷ୍ଟା କରୁଛନ୍ତି, ହଠାତ୍ ପଶିଆସିଛନ୍ତି ଜର୍ଜ । ଅମାସ୍ଙ୍କୁ ଶୋଇବାର ଦେଖି—]

ଜର୍ଜ—Get up you old man ! ସେଠି ଜନ୍ ବଗିଚାକାମ କରୁଚ, ଆଉ ତୁମେ କାମରେ neglect କରି ଶୋଇଚ ? (ଅମାସ୍ ଉଠିପଡ଼ି ଭୟରେ ଥରୁଛନ୍ତି) ଏ ଭୁଲ ପାଇଁ ତୁମେ କି ଶାସ୍ତି ପାଇବ ଜାଣ ? Capital punishment.

ଅମାସ୍—ନା-ନା, ମୁଁ କାମ କରିବ । ଜନ ମତେ...

ଜର୍ଜ—ପୁଣି ମିଛ କହୁଚ ? (ଷ୍ଟ୍ରୁକଟା ଟାଣିଆଣିଲାବେଳକୁ ପଶିଆସିଛନ୍ତି ମାଇକେଲ୍)

ମାଇକେଲ୍—କଣ ହେଇଚ, ଜର୍ଜ ?

ଜର୍ଜ—ଏ ଲୋକଟା ତା କାମରେ ନେଗ୍ଲେକ୍ଟ କରି ଏଠି ଶୋଇଚ, ଆଉ ପଚାରିଲେ ମିଛ କହୁଚ ।

ମାଇକେଲ୍—ଷ୍ଟ୍ରୁକ୍ କଣ ହବ ? ବନ୍ଧୁକ...

ଅମାସ୍—(ଗୋଡ଼ତଳେ ପଡ଼ି) ମରିଯିବି, ସାର୍ ! By God, ଆଉ କେବେ ଇମିତ ହବନି । କ୍ଷମା କରନ୍ତୁ, ଏଣିକି ମୋ କାମ ମୁଁ କରିବ ।

ମାଇକେଲ୍—You old pig ! (ଧକ୍କାଟାଏ ପକାଇଛନ୍ତି । ଅମାସ୍ ହାମୁଡ଼େଇ ପଡ଼ିଛନ୍ତି) That's right, ସେଇ positionରେ ଠିକ୍ ଯିମିତ ରହ । ମୁଁ ଆଜି କାମ ସାରିଲା ପରେ ତମକୁ ଗୁଳିକରି ମାରିବ । ଜର୍ଜ ! ସେ ଫାଇଲଗୁଡ଼ା ଶୀଘ୍ର ବାହାର କର । Quick.

Source: Author, Digitized by PPRACHIN, SOA

ଜର୍ଜ—(ବ୍ୟାଗରୁ ଫାଇଲସବୁ କାଢ଼ି ଗୋଟିଏ ଖୋଲିଲେ) ସାର୍ ! ବାର ନମ୍ବର ଆଉ ସତର ନମ୍ବର ଓ୍ୱାର୍ଡର ଖାଉଟିମାନେ ଖାଦ୍ୟଶସ୍ୟ ଗୋଦାମ ଉପରେ ଚଢ଼ାଉ କରି ନିଆଁ ଲଗାଇବାକୁ ଚେଷ୍ଟା କରୁଥିଲେ ।

ମାଇକେଲ୍—କାହିଁକି ? ଲାଠି, ଗୁଳି, ବନ୍ଧୁକ କଣ ନ ଥିଲା ?

ଜର୍ଜ—ଥିଲା, ସାର୍ ! ହେଲେ ପ୍ରତି କଥାରେ ତା'ର ଅସ୍ତ୍ର ନେଲେ ଲୋକେ ଅସନ୍ତୁଷ୍ଟ ହେବେ ।

ମାଇକେଲ୍—ଲୋକଙ୍କୁ ସନ୍ତୁଷ୍ଟ କରିବାପାଇଁ ଏ ସରକାର ହୋଇନି । ଏ ଶାସନ ହୋଇଚି ଲୋକଙ୍କୁ ମେଣ୍ଢା କରି ରଖିବାପାଇଁ । ମୁଁ ଅବଶ୍ୟ କହୁନି ଯେ ଲୋକଗୁଡ଼ାକ ସତକୁ ସତ ମେଣ୍ଢା ପାଲଟିଯିବେ । ତେବେ ମେଣ୍ଢା ଯିମିତି behave କରୁଚ ଠିକ୍ ସେହିପରି କରିବେ । ଗୋଟାଏ ପ୍ରକାର ବୋବେଇବେ ବା ପାଟି କରିବେ । ସରକାର ବିରୁଦ୍ଧରେ ପ୍ରତିବାଦ ପାଇଁ ଗୋଟାଏ ପ୍ରକାର ପାଟି, ମିଟିଂରେ ବକ୍ତୃତା ଦେବାପାଇଁ ଗୋଟାଏ ପ୍ରକାର ପାଟି, ସ୍ୱାଧୀନତା ଦିବସର ଉନ୍ମାଦନାରେ ଗୋଟାଏ ପ୍ରକାର ପାଟି, ମନ୍ଦିର ଗୀର୍ଜାରେ ଆଉ ଗୋଟାଏ ପ୍ରକାର ପାଟି—ଏ ସବୁ ଗଣତନ୍ତ୍ରରେ ସମ୍ଭବ । ଆମ ସରକାରରେ ଏ ସବୁ ବିଭିନ୍ନ ପ୍ରକାର ପାଟି ଚାଲିବନି ।

ଜର୍ଜ—ସାର୍ ! ଏ ସାମ୍ରାଜ୍ୟଟାଯାକର ଲୋକ କିଛି ପାଟି ନ କରି ଚଳିବେ କିମିତି ?

ମାଇକେଲ୍—କହିଲି ପରା ଗୋଟାଏ ପ୍ରକାର ପାଟି କରିବେ ।

ଜର୍ଜ—ସେ କଣ, ସାର୍ ?

ମାଇକେଲ୍—You see, ଡାଲ୍ଟା ଲାଗେଇ ଖାସି କାଠ ବା ଲୁହା ଧାରଣା ଗଢ଼େଇଲାବେଳେ କୁଲିମାନେ ଯିମିତି ପାଟି କରିଥାନ୍ତି (ଅଭିନୟ କରି) ଏଇସା—ଏଇସା—ମୋ ସାଙ୍ଗରେ କୁହ ଏଇସା (ଜର୍ଜ ଏଇସା କହୁଚି) । You old pig, ତମେ ବି କୁହ ମୋ ସାଙ୍ଗରେ ଏଇସା—(ଅମାତ୍ୟ ଏଇସା କହୁଚି—ତିନିଜଣ ଏକ ସଙ୍ଗରେ ଏଇସା କହୁଛନ୍ତି) ହାଃ-ହାଃ— କଣ ବୁଝିଲ ?

Source: Author, Digitized by PPRACHIN, SOA

ଜର୍ଜ—ହଁ ସାର୍, ବୁଝିଗଲି । କିନ୍ତୁ ସରକାର ଯେତେବେଳେ ଖାଦ୍ୟଶସ୍ୟ ଯୋଗେଇବାର ଦାୟିତ୍ୱ ନେଇଛନ୍ତି, ଦୋଷତ୍ରୁଟି ହେଲେ ଲୋକେ ତ କଷ୍ଟସ୍ୱ କହିବେ ।

ମାଇକେଲ୍—କହିବେ ? ଏତେ ତାଙ୍କର ସାହସ ? ସେମାନଙ୍କୁ କଣ ଜଣାନାହିଁ ଏ ନୂଆ ଶାସନରେ କାହାରି ପାଟି ଫିଟେଇବାର ସ୍ୱାଧୀନତା ନାହିଁ ବୋଲି ? ସରକାର ଖାଦ୍ୟ ଅଖାଦ୍ୟ ଯାହା ଖାଇବାକୁ ଦେବେ ଲୋକେ ତା ଖାଇବେ, ପାଟି ନ ଖୋଲି ଖାଇବେ ।

ଜର୍ଜ—କିନ୍ତୁ ସାର୍ ! ଶୁଣିଆଡୁ ଯେ ଖାଦ୍ୟ ଅଭାବରୁ ଲୋକ ମରିବା ଖବର ଆସି ପହଞ୍ଚିଲାଣି ।

ମାଇକେଲ୍—ଖବର କିପରି ପହଞ୍ଚିଲା ? କେହି କଷ୍ଟସ୍ୱ ପାଟି ଖୋଲି ସେକଥା କହିଥିବ । Theory of elimination ତାକୁ apply କର । ଖବର ଦବା ଲୋକ ପାଟି ଫିଟେଇପାରିବ ନାହିଁ । ଖବର ଦବା ଲୋକ ତ ଦୂରର କଥା···ମରିବା ଲୋକ ମଧ୍ୟ ପାଟି ଖୋଲିପାରିବ ନାହିଁ । ବୁଝିଲ ?

ଜର୍ଜ—ବୁଝିଲି ସାର୍ ! ବହୁ ସଂଖ୍ୟାରେ ଯଦି ଲୋକ ମରନ୍ତି ?

ମାଇକେଲ୍—ମରନ୍ତୁ । କିନ୍ତୁ ପାଟି ନ ଖୋଲି ମରିବେ । ଖାଲି ଦେଢ଼ଶ କୁହେଁ, ହଜାର ହଜାର, ଲକ୍ଷ ଲକ୍ଷ ସଂଖ୍ୟାରେ ଯଦି ଲୋକ ମରନ୍ତି ତେବେ ସେସବୁ dead bodyକୁ dispose କରିବା ଲୋକେ ମଧ୍ୟ ପାଟି ନ ଖୋଲି ସେ କାମ କରିଯିବେ । ଖୁବ୍ ଜୋର ସେମାନେ କହିପାରନ୍ତି ସେଇ 'ଏଇସା'— (ଅମାସ୍ ମଧ୍ୟ ଡରିଯାଇ ସ୍ୱର ମିଳାଇ କହିଚି 'ଏଇସା') Shut up ! ମୁଁ ତୁମକୁ କହିଥିଲି କହିବାକୁ ? Don't shout ! ମୁଁ ଦେଖୁଚି ଜର୍ଜ, ତୁମେ ଆମ ଶାସନର fundamentals ବି ବୁଝିନ । ବନ୍ଧୁକର ନଳୀ ଭିତରେ କ୍ଷମତା ପୁଞ୍ଜୀଭୂତ । କେବଳ ସେଇ ଆବାଜ କରିବ, ଆଉ ସେଇ ଆବାଜ ଭିତରେ ଆମର ଶାସନ ଚାଲିବ । ତା'ରି ତଳେ ପେଷିହୋଇ ଲକ୍ଷ ଲକ୍ଷ, କୋଟିକୋଟି ଏପରି କି ପୃଥିବୀର ଜନସଂଖ୍ୟାର ଅଧାରୁ ଅଧିକ ଲୋକ

Source: Author, Digitized by PPRACHIN, SOA

ମରଗଲେ ବି ଆମର କିଛି ଯାଏ ଆସେନା । ସେଇମାନଙ୍କ ଧ୍ୱଂସସ୍ତୂପ ଉପରେ ଠିଆ ହୋଇ ଯେ କେଇଜଣ ବଞ୍ଚିଯିବେ, ସେଇମାନେ କେବଳ ଦେଖିବାକୁ ପାଇବେ ପ୍ରକୃତ ସ୍ୱାଧୀନତାର ସୂର୍ଯ୍ୟ···ଉପଭୋଗ କରିବେ ପ୍ରକୃତ ସ୍ୱାଧୀନ ପୃଥିବୀ । No, ତୁମକୁ indoctrination ପାଇଁ ପଠେଇବାକୁ ହବ ।

ଜର୍ଜ—କିନ୍ତୁ ସାର୍ !

ମାଇକେଲ୍—କିନ୍ତୁ ଫିନ୍ତୁ କିଛି ନୁହେଁ । ବର୍ତ୍ତମାନର ଯାହାକିଛି ଅସୁବିଧା ସେଗୁଡ଼ିକୁ ସହିବାକୁ ହବ । ତୃତୀୟଆଡେ ସମସ୍ୟା···ସମସ୍ୟା···ସମସ୍ୟା । ଲୋକେ ଆଶା କରିବା ଉଚିତ ନୁହେଁ ଯେ ରାତିକ ଭିତରେ ଦେଶଟା ସ୍ୱର୍ଗରାଜ୍ୟ ହୋଇଯିବ ।

ଜର୍ଜ—ହୁଏତ ସେସବୁ ଅଭାବ ଅସୁବିଧା ସେମାନେ ସହିଯିବେ । କିନ୍ତୁ ଦିନକୁ ଦିନ ବଜାରଦର ଯାହା ବଢ଼ିଚାଲିଚି···

ମାଇକେଲ୍—ବଢ଼ିଚି କ'ଣ ? ଆହୁରି ବଢ଼ିବ । କାହିଁକି ବଢ଼ିଚି, ସେମାନେ କ'ଣ ବୁଝିବାକୁ ଚେଷ୍ଟା କରୁଚନ୍ତି ? ଦେଶରେ ଉନ୍ନୟନ କାମ ଆଗେଇଚାଲିଚି । ଦେଶରକ୍ଷା ବିଭାଗର ଖର୍ଚ୍ଚ କାହିଁରେ କ'ଣ ! ଏସବୁ ଖର୍ଚ୍ଚ କ'ଣ ସରକାର ହାତରୁ ଦେବେ ? No. ଲୋକଙ୍କ ଉପରେ ଟ୍ୟାକ୍ସ ବସି ଟଙ୍କା ଆଦାୟ ହବ ।

ଜର୍ଜ—ସାର୍, ଏସବୁ ଠିକ୍ । କିନ୍ତୁ ଲୋକେ ବୁଝିଲେ ତ ?

ମାଇକେଲ୍—Yes, that is a point. ମୋର ମନେହଉଚି ଜର୍ଜ, ଆମର ପ୍ରଚାରବିଭାଗ ଖୁବ୍ ଇନ୍ଏଫିସିଏଣ୍ଟ ହୋଇପଡ଼ିଚି । ସରକାରୀ ଯୋଜନା ଓ ତା'ର ଉପାଦେୟତା ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଚିତ । Alright. ଏ ବିଷୟରେ ମୁଁ କେନ୍ଦ୍ରୀୟ ସଂସ୍ଥା ସହିତ ଆଲୋଚନା କରିବି ।

ଜର୍ଜ—(ଅନ୍ୟ ଫାଇଲ୍ କାଢ଼ି) ସାର୍ ! National Book Trust ବିରୁଦ୍ଧରେ କେତେ ଅଭିଯୋଗ, ଦେଖୁଛନ୍ତି ?

ମାଇକେଲ୍—ଅଭିଯୋଗ ?

Source: Author, Digitized by PPRACHIN, SOA

ଜର୍ଜ—ହଁ, ଶିକ୍ଷାବିଭାଗ ତରଫରୁ ପାଠ୍ୟପୁସ୍ତକସବୁ ଜାତୀୟକରଣ ହେଲା । ଅଥଚ ଯଥେଷ୍ଟ ପରିମାଣରେ ବହି ଯୋଗେଇଦିଆଯାଇପାରୁନି ବୋଲି ଅଭିଭାବକମାନେ ବିକ୍ଷୋଭ କରୁଛନ୍ତି । ଛାତ୍ରମାନେ ଘେରାଉ କରିବାର ଧମକ ଦେଉଛନ୍ତି ।

ମାଇକେଲ୍—ତୁମେ କ'ଣ ଭାବୁଛ ଜର୍ଜ, ଏଇ ବିକ୍ଷୋଭ ବା ଘେରାଉ ଧମକରେ ଆମେ ବିଚଳିତ ହୋଇଯିବା ? Let it go on. Who cares ?

ଜର୍ଜ—ଖାଲି ସେତିକି ନୁହେଁ, ସାର୍ ! ପ୍ରକାଶକମାନେ ଏକାଠି ହୋଇ ଯେଣେ ଚିତ୍କାର କରୁଛନ୍ତି, ତାଙ୍କ ମୁହଁରୁ ଦାନା ଛଡ଼େଇନିଆଗଲା ।

ମାଇକେଲ୍—ସେମାନଙ୍କୁ ଚିତ୍କାର କରିବାକୁ ଦିଅ ।

ଜର୍ଜ—ଏ ସବୁକୁ କେନ୍ଦ୍ର କରି ଯଦି ଗୋଟାଏ ଆନ୍ଦୋଳନ ଗଢ଼ିଉଠେ ?

ମାଇକେଲ୍—ଆନ୍ଦୋଳନ, ବିକ୍ଷୋଭ, ଘେରାଉ ଏସବୁ ଦେଖାଇନ । ଆଉ ତା' ଛଡ଼ା, ଆନ୍ଦୋଳନ ହବ କିମିତି ? ଏସବୁ ଆପତ୍ତି ଅଭିଯୋଗ ତ ଖବର-କାଗଜରେ ସ୍ଥାନ ପାଇବ ନାହିଁ । ସବୁ ଖବରକାଗଜର ମାଲିକାନା ସ୍ୱତ୍ୱ ସରକାର ନେଇଛନ୍ତି । ସରକାରଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ସେଥିରେ ଛାପିବ କିଏ ?

ଜର୍ଜ—କିନ୍ତୁ ସାର୍, ପିଲାଙ୍କୁ ପାଠ୍ୟପୁସ୍ତକ ଯୋଗେଇ ନ ଦେଲେ ସେମାନେ ପାଠ ପଢ଼ିବେ କିମିତି ?

ମାଇକେଲ୍—ତୁମେ କ'ଣ ଜର୍ଜ, ସବୁକଥା ହେଉଛି ସରକାରଙ୍କ ଦାୟ ? ସରକାରଙ୍କର ଯେତିକି ସମ୍ବଳ ସେତିକି ଛାପିବେ । ପିଲାଏ ସେଥିପାଇଁ ପାଟି ଖୋଲିପାରିବେ ନାହିଁ । ବହି ଭାଗ କରି ବାଣ୍ଟିନେଇ ଚୁପ୍‌ଚାପ୍ ପଢ଼ିବେ । ପାଟି ନ ଫିଟେଇ ପରୀକ୍ଷା ଦେବେ । ପରୀକ୍ଷା ହଲ୍‌ରେ ପାଟିତୁଣ୍ଡ କଲେ ଗୁଳିକରିମ ଶବ୍ଦଆସିବ । ପାଟି ନ ଖୋଲି ଫେଲ୍ ବା ପାସ୍ କରିବେ । ଏହିପରି ପାସ୍ କରି ଯିଏ ଯୋଉ ବିଦ୍ୟାରେ ଉତ୍କର୍ଷ ଲାଭ କରିବେ ସେମାନେ doctorate କରିବେ । ସେ ଗଣିତ ହେଉ, ବିଜ୍ଞାନ ହେଉ, ଇତିହାସ ହେଉ, ଭୂଗୋଳ ହେଉ,

Source: Author, Digitized by PPRACHIN, SOA

ସାହିତ୍ୟ ହଉ···ଅବଶ୍ୟ ସାହିତ୍ୟଟା ସବୁଠୁ କଷ୍ଟ ହବ । କାରଣ ଏ ସାହିତ୍ୟ ଗଣତନ୍ତ୍ର ସରକାରର ନୁହେଁ । ଯେ ହଉଚ ଆମ ସରକାରର, ଯ ହାଙ୍କ ସ୍ୱତନ୍ତ୍ରଭାବେ ସ୍ୱତନ୍ତ୍ର । ସେ ଯୋଉ ବିଦ୍ୟା ହଉ, ହାସଲ ପରେ ଦେଶର ଶୃଙ୍ଖଳିତ ନ ବଳିକ ହବାକୁ ହେଲେ ଯେ ସେଇ ବାଗରେ କାମ କରିଯିବେ । ପାଟି ନ ଖୋଲି କାମ କରିଯିବେ । ସେଇ ପେଗ ଟାଏ ପ୍ରକାର ପାଟି 'ଏଇସା' । (ଅମାସ୍ ଆରମ୍ଭ କରେଚ 'ଏଇସା') Stop you scoundrel ! ଅର୍ଡ଼ର ନ ପାଇ କାମ କଲେ କ'ଣ ହୁଏ ଜାଣ ? ଅର୍ଡ଼ର ନ ପାଇ ଯୁଦ୍ଧବେଳେ ହଜାର ହଜାର ଶତ୍ରୁକୁ ମାରସାର ଯଦି ଜଣେ ଲୋକ ତମେ ମରିଯାଅ, ତେବେ ମିଲିଟାରୀ rule ଅନୁଯାୟୀ ତୁମକୁ posthumous awardଟିଏ ମଧ୍ୟ ଦିଆଯିବନ ; But, you are a bloody old pig. Get out ! (ଅମ ସ୍ ଚୁଲିଯାଇଚ) ତମେ ବୁଝିଲ ଜର୍କ ଆମର ଶିକ୍ଷାନୀତି ? ଆମ ସରକାରଙ୍କ ସାହିତ୍ୟର ଲକ୍ଷ୍ୟ ? Next file···

ଜର୍କ—(ଫାଇଲ୍ ଖୋଲି) କୃଷୀମାନଙ୍କର ଅଭିଯୋଗ ଯେ ଠିକ ସମୟରେ ସେମାନେ ସାର ବିହନ ଓ ଅନ୍ୟାନ୍ୟ କୃଷିଉପକରଣ ପାଇପାରୁନ ହାନ୍ତି ।

ମାଇକେଲ୍—ଜମିସବୁ ସରକାରଙ୍କର ବୋଲି ଘୋଷଣା କରାଯାଇଚ । ସେଥିପାଇଁ କୃଷି କାମରୁ ହିଁ ସରକାର ବିଚାର କରିବେ । ସରକାର ଯ ହା ବିହନ, ସାର ଯୋଗେଇଦେବେ ସେଇଥିରେ ସେମାନେ କୃଷି କରିଯିବେ । ଚୁପ୍ କରି କୃଷି କରିଯିବେ । ତା ନ ହେଲେ ଜନତା ଦରବାରରେ ସେମାନେ ଦେଶଦ୍ରୋହ ଅପରାଧରେ ଫାଶୀ ପାଇବେ । ତା' ପୁଣି public placeରେ । Right ? Next file···

ଜର୍କ—ସାର୍ ! Private Nursing Home ଗୁଡ଼ିକର ଜାତୀୟକରଣ ଏବଂ ଡାକ୍ତରମାନଙ୍କର ଘରୋଇ ଚିକିତ୍ସା ବନ୍ଦ କରିଦବା ଫଳରେ ଅଭୂତପୂର୍ବ ସଙ୍କଟସବୁ ଦେଖାଦେଇଚ ।

ମାଇକେଲ୍—ସଙ୍କଟ ? କଣ ହେଇଚ ?

ଜର୍କ—ଡାକ୍ତରମାନେ ମନଦେଇ ଚିକିତ୍ସା କରୁନାହାନ୍ତି ।

Source: Author, Digitized by PPRACHIN, SOA

ମାଇକେଲ୍—କରୁଣାକ୍ରାନ୍ତ ? ସେମାନଙ୍କୁ ଅଲବତ ଜଣବାକୁ ପଡ଼ିବ । କଣ ଭାବିଚନ୍ତି ସେମାନେ ? ସ୍ବରୂକ୍ ଦେଇ ସେମାନଙ୍କଠୁ କାମ ଆଦାୟ କରାଯିବ ।

ଜର୍ଜ—ତା ବୋଲି ଡାକ୍ତରମାନଙ୍କୁ···

ମାଇକେଲ୍—ଡାକ୍ତର, ଓକିଲ, ଇଞ୍ଜିନିୟର ସମସ୍ତେ ବୁଦ୍ଧିର ଶ୍ରମିକ । କାହାର ପାଇଁ କୌଣସି ପକ୍ଷପାତ ନୀତି ଗ୍ରହଣ କରାଯାଇପାରିବ ନାହିଁ । ଆଉ ସରକାରଙ୍କ ନୀତିକୁ ଯଦି ଡାକ୍ତରମାନେ ନ ମାନନ୍ତି, ମନଦେଇ ଚିକିତ୍ସା ନ କରନ୍ତି, ତା'ହେଲେ ସେମାନଙ୍କ ହାତ ସାଂସ୍କୃତିକ ବିପ୍ଳବର ଧାରା ଲାଗୁ ହେଇଯିବ । ଶ୍ରେଷ୍ଠ ଶ୍ରେଷ୍ଠ ଗ୍ରନ୍ଥ ମାଓଙ୍କ ଶିକ୍ଷା ଦେଲାଭଳି ରୋଗୀମାନଙ୍କୁ ଡାକ୍ତର କରାଯାଇ ଡାକ୍ତରମାନଙ୍କୁ ରୋଗୀ କରାହେଇଆସିବ । ପାଟି ନ ଫିଟେଇ ଡାକ୍ତରମାନେ ରୋଗୀଙ୍କ ଶଯ୍ୟାରେ ଶୋଇବେ ଏବଂ ରୋଗୀମାନେ ମନଯୋଗ ଦେଇ ଡାକ୍ତରମାନଙ୍କୁ ଚିକିତ୍ସା କରାଯିବେ । ତା ପରେ ତମେ ଦେଖିବ ଜର୍ଜ, ଗୋଟାଏ ଦିନରେ ଡାକ୍ତରମାନଙ୍କ problem ଏକ ବେଳକେ solve ହେଇଯିବ । Understand ? Next file···

ଜର୍ଜ—ସାର୍, ଓକିଲମାନେ ତ ଆହୁରି ଗୁରୁତର ସମସ୍ୟା ସୃଷ୍ଟି କରୁଛନ୍ତି ।

ମାଇକେଲ୍—ଓକିଲମାନେ ?

ଜର୍ଜ—ହଁ, ସାର୍ ! ସରକାର ତ କୋର୍ଟ କଚେରି ସବୁ ଉଠେଇଦେଲେ । ବର୍ତ୍ତମାନ ଏକମାତ୍ର କୋର୍ଟ ହେଉଚି ସରକାରଙ୍କର ଜନତା ବିଚାରାଳୟ । ସେଥିରେ ଯିମିତି ବିଚାର କରାଯାଉଚି ଓକିଲମାନେ ଆଦୌ ସନ୍ତୁଷ୍ଟ ନୁହନ୍ତି ।

ମାଇକେଲ୍—What ? ଉଚିତ ଅନୁଚିତର ବିଚାର କରିବାକୁ ସେମାନେ କିଏ ? ଆମ ଜନତା ଦରବାରରେ ସେମାନେ ଖାଲି ଠିଆ ହେବେ । ଜନତା ବିଚାର ଶେଷ କରିବ । ଓକିଲମାନେ ବିଲ୍‌କୁଲ୍ ପାଟି ନ କରି ନିଜର ଦସ୍ତଖତ ଦେଇଯିବେ—consent ଦେଇଯିବେ । ତା ପରେ ତମେ ଦେଖିବ ଜର୍ଜ, ଆନ୍ତର୍ଜାତିକ କ୍ଷେତ୍ରରେ ଆମ Judiciaryର ମହତ୍ତ୍ୱ ପ୍ରତିପାଦିତ ହେବ ।

Source: Author, Digitized by PPRACHIN, SOA

ଏଥିରେ ଯଦି ସେମାନେ ରାଜି ନ ହୁଅନ୍ତି ତା'ହେଲେ ସେମାନଙ୍କୁ ଗୋଟିଏ ଜାହାଜରେ ପୂରେଇ ଦେଶର ସମୁଦ୍ରକୂଳରୁ ଆଠଶହ କିଲୋମିଟର ଦୂରରେ ଗୋଟାଏ ପାହାଡ଼ରେ ଛୁଡ଼ିଦିଆଯିବ । Right ? Next file···

ଜର୍ଜ—ବ୍ୟାଙ୍କ୍ ଜାତୀୟକରଣ ଦ୍ୱାରା ଯଥେଷ୍ଟ ଉପକାର ମିଳୁନି ବୋଲି ଲୋକମାନେ ଅଭିଯୋଗ କରୁଛନ୍ତି ।

ମାଇକେଲ୍—ସେମାନେ ଯାହା ଚାହୁଁଛନ୍ତି ସେ ସବୁ କେବେ ଦିଆଯାଇପାରେ ? ତା ଛଡ଼ା, ସମସ୍ତଙ୍କୁ ସନ୍ତୁଷ୍ଟ କରିବା ଏତେ ସହଜ ନୁହେଁ । This is not an important issue—ବ୍ୟାଙ୍କ୍ ନ ଥାଇ ମଧ୍ୟ ଆମ ସରକାର ଚାଲିବ ।

ଜର୍ଜ—ସାର୍, ପରିବହନ କର୍ମଚାରୀମାନେ ଅଧିକ ଦରମା ଦାବୀ କରିଛନ୍ତି ।

ମାଇକେଲ—ଅଧିକ ଦରମା ?

ଜର୍ଜ—ହଁ, ସାର୍ ! ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରିବାର ଧମକ ଦେଇଛନ୍ତି ।

ମାଇକେଲ୍—ଧମକ ? ସେମାନଙ୍କୁ ଜଣେଇଦିଅ—ଗୋଟି ଗୋଟି କରି arrest କରି ଜେଲରେ ଭର୍ତ୍ତି କରିଦିଆଯିବ । ଯାବଜ୍ଜୀବନ କାରାଦଣ୍ଡ । ସେମାନେ କଣ ଜାଣିନାହାନ୍ତି ରେଳ କର୍ମଚାରୀଙ୍କ ଧର୍ମଘଟକୁ କିମିତି ଗନ୍‌ର ମୁନରେ ବନ୍ଦ କରିଦିଆଗଲା ? ତା ଛଡ଼ା, ସରକାର ଅଜସ୍ର ଟଙ୍କା ଖର୍ଚ୍ଚ କରି ବର୍ତ୍ତମାନ ଚାଳକବିହୀନ ରକେଟ ପ୍ଲେନ୍ ସବୁ ତିଆରି କରିବାରେ ଗବେଷଣା କରୁଛି । ସେ ସବୁ ତିଆରି ହୋଇଗଲେ ଦେଶବାସୀଙ୍କୁ ବିନା pilotରେ planeରେ ବସେଇ ସେମାନଙ୍କର ଗନ୍ତବ୍ୟ ସ୍ଥାନକୁ ନିଆଯାଇପାରିବ ! ପରିବହନ କର୍ମଚାରୀଙ୍କର କାମ ରହିବ ନାହିଁ । ସେମାନଙ୍କୁ ଅକର୍ମା କରିଦିଆଯିବ ଏବଂ ସରକାରଙ୍କର ନିୟମ ଅନୁଯାୟୀ ଅକର୍ମା ଲୋକ ହିସାବରେ ସେମାନଙ୍କୁ ଗୁଳି କରିଦିଆଯିବ । Unemployment problem ଏ ଦେଶରେ ନାହିଁ । O. K. ?

ଜର୍ଜ—ସାର୍ !

Source: Author, Digitized by PPRACHIN, SOA

ମାଇକେଲ୍—Well ଜର୍ଜ ! ତମର ଏ ଫାଇଲ ପରେ ଫାଇଲ କଣ ଆଉ ଶେଷ ହବନି ?

ଜର୍ଜ—ଆଉ ମାତ୍ର ଗୋଟିଏ, ସାର୍ ! ଖୁବ୍ ଗୁରୁତର ।

ମାଇକେଲ୍- Damn it, ଗୁରୁତର । What is that ?

ଜର୍ଜ—ସରକାର ନିଶାଦ୍ରବ୍ୟ ଜାତୀୟକରଣ କଲା ପରେ ଗଞ୍ଜେଇ ଅଫିମ ଦୋକାନ ଆଉ ମଦଭାଟି ସବୁ ବନ୍ଦ ହୋଇଯାଇଛି । ଲୋକମାନଙ୍କର ଆରାମ ଆଉ ଆମୋଦପ୍ରମୋଦର ବ୍ୟବସ୍ଥା ନ କଲେ···

ମାଇକେଲ୍—ହବ, ହବ, ସବୁ ହବ । ଏ ଯନ୍ତ୍ରରେ ଗୋଟାଏ ବିରାଟ ଯୋଜନା ହେଲାଣି । କିଛିଦିନ ମଧ୍ୟରେ ତା କାର୍ଯ୍ୟକାରୀ ହବ । ଘରେ ଘରେ ପ୍ରଚୁର ପରିମାଣରେ ଉନ୍ନତ ଧରଣର ଗଞ୍ଜେଇ, ଅଫିମ, ମଦ ଯୋଗେଇ ଦିଆଯିବ । ତା ଛଡ଼ା ସରକାରଙ୍କ ତରଫରୁ ପ୍ରତି sectorରେ ପ୍ରତି lane ରେ public bar ଖୋଲିଦିଆଯିବ । ଏହାଛଡ଼ା ପ୍ରତି ସ୍ତ୍ରୀଟକରେ ଆମୋଦପ୍ରମୋଦ ପାଇଁ ସରକାରୀ ଦରମାରେ ନର୍ତ୍ତକୀମାନେ ନୃତ୍ୟଗୀତ ପରିବେଷଣ କରିବେ । ତା ହେଲେ ଦେଶର ବିରାଟ ଜନତା ଉନ୍ନତ ଧରଣର ସରକାରୀ ଗଞ୍ଜେଇ, ଅଫିମ, ମଦ···ଯାହା ଭିତରେ amonia sulphate ନ ଥିବ, ବାର୍ଣ୍ଣିସ୍ ନ ଥିବ, ଧୁଦୁରା ମଞ୍ଜି ନ ଥିବ, ଟିଂଚର ଜିଂଜର ନ ଥିବ, ହାଇଡ୍ରୋଜେନ ନ ଥିବ କି କୋକାକୋଲାରେ aspro ନ ଥିବ, ତାକୁ ଖାଇ ନିର୍ମଳ ମନରେ road ଉପରେ ହଉଥିବା official ନୃତ୍ୟ ଉପଭୋଗ କରିପାରିବେ । ତା ପରେ ତମେ ଦେଖିବ, ପୃଥିବୀରେ ଗୋଟାଏ ସମ୍ପୂର୍ଣ୍ଣ ନୂତନ ଧରଣର ଜାଗରଣ ସୃଷ୍ଟି ହବ ।

ଜର୍ଜ—ସାର୍, ସେତିକି ହେଲେ ବୋଧହୁଏ ଆଉ ଧର୍ମଘଟ, ବିକ୍ଷୋଭ, ଆନ୍ଦୋଳନର ସମ୍ଭାବନା ରହିବନି ।

ମାଇକେଲ୍—ବିଲ୍‌କୁଲ୍ ଏ ସବୁ eliminated ହେଇଯିବ ଓ ଶେଷରେ theory of elimination will prevail—ପୂର୍ଣ୍ଣମାତ୍ରାରେ ପ୍ରତିଷ୍ଠିତ ହବ ।

(ଭିତରୁ କହି କହି ଆସିଛନ୍ତି ଦାଇଲକ୍)

Source: Author, Digitized by PPRACHIN, SOA

ସାଇଲକ୍—ଧର୍ମଘଟ…ଧର୍ମଘଟ…ଗୃହଆଡ଼େ ଖାଲି ଧର୍ମଘଟ । ଆଚ୍ଛା ଜାତୀୟ-କରଣ ସରକାର କଲେ ଯେ, ଯାହାକୁ ପଚାରିବ ସମସ୍ତଙ୍କ ମୁହଁରେ ସେଇ ଗୋଟାଏ କଥା । (ପଶିଆସି) ଜାତୀୟକରଣ କଲେ, ସବୁ ନଷ୍ଟ ହୋଇଗଲା । ଆରେ ବାବୁ ! ଗଛଟିଏ ଲଗେଇଲ ଯେତେବେଳେ ଟିକିଏ ପାଣି ଦିଅ, ସାର ଦିଅ, ପାଞ୍ଚବର୍ଷ ଅପେକ୍ଷା କର । ତେବେ ସିନା ଦେଖିବ ଫଳ ଫଳୁଛି କି ନାହିଁ !

ମାଇକେଲ୍—Good morning.

ଜର୍କ—Good morning, sir ! (ଥମାସ୍ ଆସିଲ)

ସାଇଲକ୍—Good morning. Hallo ମାଇକେଲ୍ ! କେତେବେଳେ ଆସିଲ ?

ମାଇକେଲ୍—ଆଜି ମୋର ଏଇ areaରେ inspection ଥିଲା । ଆସି ଏଠି ଦେଖୁଛି, ଖାଲି ସମସ୍ୟା । ଯିମିତି ତାର ଶେଷ ନାହିଁ ।

ସାଇଲକ୍—ମୁଁ ତ ସେଇକଥା କହି କହି ଆସୁଥିଲି । ଲୋକେ ଭାବନ୍ତି ହଠାତ୍ ଦେଶଟା ଘିଅମହୁରେ ଭାସିବ । ଅପେକ୍ଷା କରିବାକୁ ସେମାନଙ୍କର ଧୈର୍ଯ୍ୟ ନାହିଁ ।

ଜର୍କ—ଶିଳ୍ପ ଉନ୍ନୟନ ଯୋଜନାର ମୁଖ୍ୟ ଉପଦେଷ୍ଟା ଭାବରେ ସରକାର ଯେତେବେଳେ ଆପଣଙ୍କୁ ନିଯୁକ୍ତ ଦେଇଛନ୍ତି ଆପଣ ସେଇକଥା ଦେଶବାସୀଙ୍କୁ ବୁଝାନ୍ତୁ ।

ସାଇଲକ୍—ବୁଝିବ ଆଉ କିଏ ? ଆଗରୁ ଯାହା କହୁଥିଲି ଏବେ ବି ସେଇଆ କହୁଛି । ଏଇ ଦେଖୁନା, ଜାତୀୟକରଣକୁ ନେଇ ଯେତେସବୁ ଝମେଲା । କଣ ନା, ଆମ ଜମିବାଡ଼ି, କଳ କାରଖାନା, ବେପାର ବଣିଜ ସବୁ ସରକାର ନେଇଗଲେ, ଆମକୁ କ୍ଷତିପୂରଣ ଦିଅ । ଆରେ ବାବୁ ! ଦେବ କୋଉଠୁ ? ଆଉ ଦେବ ବା କିଏ ?

ମାଇକେଲ୍—Exactly. ଆପଣ ତ ଆଜି ଆଗରେ ଆଦର୍ଶ ।

Source: Author, Digitized by PPRACHIN, SOA

ସାଇଲକ୍—ନା, ନା, ସେ ଆଦର୍ଶ କିଛି ନୁହେଁ । ମୋର ବା କଣ ଥିଲା ? ଏଇ ସାମାନ୍ୟ କେଇଟା କଲ କାରଖାନା, ଗାଡ଼ି ମଟର । ସେସବୁ ସରକାର ନେବା ଆଗରୁ ମୁଁ ନିଜେ ସ୍ୱଇଚ୍ଛାରେ ଦାନ କରିଦେଲି । ତା ବେଳି କ୍ଷତିପୂରଣ ? ଛି, ଛି, କାହାଠୁ ନେବି ? ସବୁ ପରା ନିଜର ! ସମସ୍ତେ ଆମେ ଭାଇଭାଇ !

ଜର୍ଜ—ହଁ ସାର୍, ହେଇଥିରୁ ଲୋକେ ବୁଝିବା ଉଚିତ ଯେ ଦେଶ ଆଗରେ ଏସବୁ କିଛି ନୁହେଁ । ଆପଣ ଏ ଦେଶର ଜଣେ ନ ମର୍ଯ୍ୟାଦା ବଡ଼ ବ୍ୟକ୍ତି । ଭାବିଲେ ଦେଖି, ଏତେ କମ୍ ଦାନ ଭିତରେ କୌଣସି ସରକାର ଏତିକି ସୁବିଧା ଦେଇଚି ନା ଦବ ?

ସାଇକଲ୍—ସେଇକଥା. ଠିକ୍ ସେଇକଥା । ସେଇ pointଟା ଆଜି ମୁଁ function ରେ କହିବି ବୋଲି ଠିକ୍ କରିଚି ।

ମାଇକେଲ୍—Function ?

ସାଇଲକ୍—ହଁ, ଆଜି ଏଇଠି ବୈଜ୍ଞାନିକ ପଦ୍ଧତିରେ କିପରି ପୁଷ୍ଟିକର ଖାଦ୍ୟ ବେଶୀମାତ୍ରାରେ ଉପୁଜାଇ ହବ ତା'ର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ଯାଉଛି । ଅବଶ୍ୟ ଏ ଗୋଟାକ ମୋ'ର ଯୋଜନା । ଆଉ ତାକୁ ଆଜି ମୋତେ ଇ ଉଦ୍‌ଘାଟନ କରିବାକୁ ହବ । ଲୋକଗୁଡ଼ାକ ଖାଇବାକୁ ନ ପାଇ ଯେପରି ଅସ୍ଥିକଙ୍କାଳସାର ହେଲେଣି ତା ପାଇଁ ତ ପୁଣି କିଛି କରିବାକୁ ପଡ଼ିବ ! ଆମର ଜଣେ ବଡ଼ ବ୍ୟକ୍ତି ଆମ ଲୋକଙ୍କୁ ଉପଦେଶ ଛଳରେ କହିଥିଲେ—ଯଥେଷ୍ଟ ପରିମାଣରେ ଚାଉଳ, ଗହମ ନ ମିଳିଲେ କଦଳୀ ଖାଅ । ମୁଁ ଏ ଚିନ୍ତାଧାରା ସହିତ ଏକମତ ହେଇ ଗଭୀର ଅନୁଧ୍ୟାନ କରି ଆହୁରି ଉନ୍ନତ କରିଚି—ମାନେ, ଏଇ ଚିନ୍ତାଧାରା ଉପରେ ।

ମାଇକେଲ୍—ସେ କଣ, ସାର୍ ?

ସାଇଲକ୍—କିଛି ନୁହେଁ । ଏଇ ଦେଖ, ସମସ୍ତେ ଯଦି ଚାଉଳ କମ୍ବା ଗହମ ଖାଇବେ ତା'ହେଲେ ଏତେ ଚାଉଳ, ଏତେ ଗହମ ଆସିବ କୋଉଠୁ ? ସମୁଦ୍ରରେ ଏତେ ମାଛ ଅଛନ୍ତି, କଙ୍କଡ଼ା, କେଚୁଆ, ପୋକଜୋକ,

Source: Author, Digitized by PPRACHIN, SOA

କୁମ୍ଭୀର ଭର୍ତ୍ତିହୋଇ ରହିଛନ୍ତି । ସବୁଗୁଡ଼ାକ ଖାଲି ପ୍ରୋଟିନ୍‌ରେ ଭରା । ଲୋକେ ଖାଆନ୍ତୁ ।

ଜଜ—କିନ୍ତୁ ସାର୍, ସମସ୍ତେ ତ ମାଛ ଧରିପାରିବେନି !

ଷ ଇଲକ୍—ପରବର୍ତ୍ତୀ ପରିସ୍ଥିତିରେ ସମସ୍ତେ ଧରିବାକୁ ବାଧ୍ୟ । ଲୋକେ ପ୍ରତିଦିନ କେତେଘଣ୍ଟା ପହଁରିବାକୁ ଶିଖନ୍ତୁ—ସମୁଦ୍ର ପହଁରା । ସମୁଦ୍ର ରତ୍ନାକର । କ'ଣ ନାହିଁ ତା ଭିତରେ ? Food problem ଗୋଟାଏ problem ? ଖାଲି ସେଥିପାଇଁ ଗଣତନ୍ତ୍ର ପନ୍ଥା ନୁହେଁ । ସରକାର ଗୋଟାଏ ordinance କରିଦେବେ—ଦେଶରେ ration shop ରହିବ ନାହିଁ । Supply department ରହିବ ନାହିଁ । Ration ଦୋକାନରେ କ୍ୟୁ ନ ହିଁ । ଚାଉଳ ଦରକାର ନାହିଁ, ସୁଜି ଦରକାର ନାହିଁ, ମଇଦା, ଅଟା, ଘିଅ କିଛି ଦରକାର ନାହିଁ । ସେଗୁଡ଼ାକରେ କ'ଣ protin ଅଛି ? ଆମ ଦେଶରେ ଲୋକ ଅଛନ୍ତି ଯେଉଁମାନେ ଝିଣ୍ଟିପୋକ କିମ୍ବା ଉଇହୁଙ୍କାରୁ ଉଇ ଧରି ମୁଢ଼ିସହ ଗୋଳେଇ ଖାଇ ପେଟ ପୋଷନ୍ତି । ସେମାନେ କଣ ଭୁଲ କରୁଛନ୍ତି ? ନା, ମୁଁ ତ କହିବି, ମୁଢ଼ିଟା ବାଦ୍ ଦେଇ ଉଇ କିମ୍ବା ଝିଣ୍ଟିପୋକ ଖାଇଲେ ଲୋକେ ଆହୁରି ହୃଷ୍ଟପୁଷ୍ଟ ହେବେ ।

ମାଇକେଲ୍—କିନ୍ତୁ ଲୋକେ ଏ ସବୁ ଖାଇଲେ ତ ?

ହାଇଲକ୍—What ? Ordinance ! ସେଟାକୁ ଭୁଲିଯାଉଛ କାହିଁକି ? ସପ୍ଲାଇ ଡିପାର୍ଟମେଣ୍ଟ ଆଉ ରେସନ ସପ୍ ଉଠିଗଲେ ଦେଶରୁ ଅଧା ଦୁର୍ନୀତି ଦୂର ହୋଇଯିବ । ଆଉ ଏଣେ ଲୋକେ ଖାଇବା ଅଭ୍ୟାସ ବଦଳେଇ-ଦେଲେ ଖାଦ୍ୟ ସମସ୍ୟା, ଯାହାକି ଗୋଟାଏ ଅତି ବଡ଼ ଧରଣର ସମସ୍ୟା, overnight ଉଭେଇଯିବ । ଜଣେ ମହାତ୍ମା କହିଥିଲେ, I eat to live. but I don't live to eat. ବଞ୍ଚିବାଲାଗି କେବଳ ଖାଇବି, କେବଳ ଖାଇବା ଲାଗି ବଞ୍ଚିବ ନାହିଁ । ମୋ ଯେ ଜନା କାର୍ଯ୍ୟକାରୀ ହେଲେ ସେଇ ମହାପୁରୁଷଙ୍କ ବାଣୀ ସାର୍ଥକ ହବ । Agriculture probllem solved. ତା ପରେ ରହିଲା Industry.

Source: Author, Digitized by PPRACHIN, SOA

ଜର୍ଜ—ହଁ ସାର୍, ଠିକ୍ କଥା । ତେବେ Industry problem କିମିତ solve ହେବ ?

ସାଇଲକ୍—Very easy. ଲୋକମାନେ ଦିନକୁ ଚାରିଘଣ୍ଟା ନିଜ ଦାୟିତ୍ୱରେ ଖାଦ୍ୟ ଅନ୍ୱେଷଣ କରିବେ । ବାରଘଣ୍ଟା ଅସ୍ତ୍ରଶସ୍ତ୍ର କାରଖାନାରେ କାମ କରିବେ । କାରଣ ଦେଶରକ୍ଷା କରିବାକୁ ତ ହବ ! ବନ୍ଧୁକ ନଳୀ ଭିତରେ ଶକ୍ତି ପୁଞ୍ଜୀଭୂତ । କୋଟି କୋଟି ସଂଖ୍ୟାରେ ବନ୍ଧୁକ ତିଆରି କରିସିବେ । ଯଦି କୌଣସି ବହିଃଶତ୍ରୁ ଦେଶକୁ ଆକ୍ରମଣ କରେ ତେବେ ଦେଶମାତୃକାର ବନ୍ଦନା ଗୀତ ଗାଇ ରାଇଫଲ୍ ଧରି ବାହାରିପଡ଼ିବେ । ବାହାରିପଡ଼ି କଣ କରିବେ ?

[ଜର୍ଜ, ମାଇକେଲ୍ ଓ ଥମାସ୍‌ଙ୍କ ଅଭିନୟରେ ପରୀକ୍ଷଣ]

ଥମାସ୍—(ଅଭିନୟ କରି) ଏଇସା ।

ସାଇଲକ୍—ଚୁପ୍‌କର । ଏଇସା ଏଇସା କରିବେ ? ଶତ୍ରୁକୁ ନିପାତ କରିବେ ! Damn fool.

ମାଇକେଲ୍—କିନ୍ତୁ, କେବଳ ଗୋଟିଏ ପ୍ରକାର ବନ୍ଧୁକ ସମଗ୍ର ଦେଶରେ ତିଆରି ହବ ?

ସାଇଲକ୍—ନିଶ୍ଚୟ ! ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ତିଆରି ହେଲେ ନିଜ ଦେଶ ଭିତରେ ବଳ କଷାକଷି ହବ । ଏଇତ କିଛିଦିନ ତଳେ ଦେଶର ଗୋଟିଏ ପ୍ରାନ୍ତରେ Armed Constabulary, ମାନେ, Armed Police ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ବିଦ୍ରୋହ ଦମନ କରିବାପାଇଁ ମିଲିଟାରୀ ଡକା ହେଲେ । ବିଦ୍ରୋହର ଦମନ ହେଲା; କିନ୍ତୁ ଏକଥା ହେଲା କାହିଁକି ? ତା'ର କାରଣ, ବିଭିନ୍ନ ପ୍ରକାର ସଂସ୍ଥାରେ ବିଭିନ୍ନ ପ୍ରକାର ଅସ୍ତ୍ର ରହିଲା । ତେଣୁ ସମସ୍ତଙ୍କ ହାତରେ ଗୋଟାଏ ପ୍ରକାର ଅସ୍ତ୍ର ଓ ସମସ୍ତଙ୍କ ପାଇଁ ଗୋଟିଏ ପ୍ରକାର ଖାଦ୍ୟ—ପ୍ରୋଟିନ୍ । ଜନତା ଜନାର୍ଦ୍ଦନ । ସମସ୍ତେ ସମାନ । କି ଧର୍ମ

Source: Author, Digitized by PPRACHIN, SOA

କି ଦରିଦ୍ର, କି ଜ୍ଞାନୀ କି ମୂର୍ଖ, କି ଧର୍ମଯାଜକ କି ଅଧର୍ମୀ ଈଶ୍ୱର ସମସ୍ତେ ସମାନ । ସରକାର ସମସ୍ତଙ୍କୁ ଗୋଟାଏ ପ୍ରକାର ବ୍ୟବହାର କରିବେ । ତେବେ ତ ସେଇ ହବ ଜନମଙ୍ଗଳ ସରକାର । ତେଣୁ ଆଜି ଏଇ ଶୁଭ ଅବସରରେ ଆମେ ସମସ୍ତେ ଏକ ସ୍ୱରରେ କହିବା,ଜନମଙ୍ଗଳ ସରକାରକି···

ଅମାସ୍—(ବଡ଼ପାଟିରେ) ଏଇସା ।

ସାଇଲକ୍—ହେଃ ! Well, ମାଇକେଲ୍ ! ମୋର time ହୋଇଗଲା । ମୁଁ ଯାଏଁ । ପରେ ଆହୁରି scientific କଥା ମୁଁ ତୁମକୁ କହିବି ।

ଜର୍ଜ—ଚାଲନ୍ତୁ, ଆମେ ବି ତ ଯିବୁଁ ।

[ସାଇଲକ୍, ମାଇକେଲ୍ ଓ ଜର୍ଜ ବାହାରକୁ ଚାଲିଗଲେ ।]

ଅମାସ୍ - ହୁଁଃ, ଦେଶକାମ ! (ଜନ୍ ଆସିଛି) ଦେଖୁଚ ଦେଖୁଚ, ଜନ୍ ! ସାଇଲକ୍‌କୁ ଦେଖୁଚ, କମିତି ଦେଶକାମ କରୁଚି ?

ଜନ୍—ପ୍ରଭୁ ଯୀଶୁଙ୍କ ଅସୀମ କରୁଣା, ତାଙ୍କୁ ଦେଶସେବାର ସୁଯୋଗ ଦେଇଛନ୍ତି ।

ଅମାସ୍—ହୁଁଃ, ଦେଶସେବା ! ତମେ ତ ଦେଖିଚ ସେଦିନ କେମିତି ଗୋରାଙ୍କ ଭଳି ଆସିଥିଲା, 'ମତେ ବଞ୍ଚେଇଦିଅନ୍ତୁ, କୋଉଠି ଲୁଚେଇଦିଅନ୍ତୁ' । ଆଉ ଆଜି ? ଶିଳ୍ପ ଉନ୍ନୟନଯୋଜନାର ଚେୟାରମ୍ୟାନ୍ । ତା'ରି ସାଙ୍ଗେ କେତେ ବଡ଼ବଡ଼ ଲୋକ ବନ୍ଧୁକଗୁଳିରେ ଝୁଲିକରି ଫାଶୀ ପାଇଲେ । ଅଥଚ ସେ ଜଣେ ଲୋକ ସମସ୍ତଙ୍କୁ ଚଟାଇ ଚଟାଇ ସରକାରଙ୍କର ବରପୁତ୍ର । ଭାଗ୍ୟ···ଭାଗ୍ୟ । ମୁଁ ଯଦି ଖାଲି ଆଗରୁ ଜାଣିଥାନ୍ତି···ଛାଡ଼ !

ଜନ୍—ମଣିଷ ମାଡ଼େଲି ସମୟର ଦାସ । କିଏ କେତେବେଳେ କ'ଣ ହୋଇଯାଏ ତା ସେ ନିଜେ ମଧ୍ୟ ଜାଣେ ନା ।

ଅମାସ୍—ଜାଣେ ନା ? ସବୁ ଜାଣେ । ଜାଣିଶୁଣି ବେଳକାଳ ଦେଖି ରଙ୍ଗ ବଦଳେଇଚି । ସୁବିଧାବାଦୀ । Opportunist. ତା ଭିତର ବାହାର ସବୁ ମତେ ମାଲୁମ । ହଉ, ଈଶ୍ୱର ଅଛନ୍ତି । ଧପାବାଜି କରି କେତେଦିନ ରହିବ !

Source: Author, Digitized by PPRACHIN, SOA

ଜନ୍—ପ୍ରଭୁ ସମସ୍ତଙ୍କୁ ଭଲରେ ରଖନ୍ତୁ ।

ଥମସ୍—କ'ଣ ହେଲା ! ସେ ଭଲରେ ରହିବ ? ନା, ନା, ଏ କଥା ମୁଁ ସହି-ପାରିବିନି । ଆମେ ଏକାଠି କେତେ କ'ଣ ନ କରିଚୁଁ ! ଏଇ ଦାଣ୍ଡେ ଯାଉଚ ଆସୁଚ, ଦେଖୁଚ, ବଗିଚାରେ ଖଟି ଖଟି ମୁଁ ମରୁଚି, ହେଲେ ପଦେ କହୁଚ ? ସେ ରହିଲେ ମତେ କେଉଁଠି ନେଇ ବସେଇପାରନ୍ତା…

ଜନ୍—ଏଥିରେ ଅଧୈର୍ଯ୍ୟ ହବାର କ'ଣ ଅଛି ? ଭଲମନ୍ଦ ବିଗୁଡ଼ ସେଇ କରିବେ । (ଏମେନ୍ କରିଛନ୍ତି । ବାହାରେ ଜିପ୍ ରହିବାର ଶବ୍ଦ ।) ଆପଣ ଏଠୁ ଶୀଘ୍ର ଯାଆନ୍ତୁ । ସେମାନେ ଫେରିଆସିଲେଣି ବୋଧହୁଏ ।

[ଥମାସ୍ ଭିତରେ ଚାଲିଯାଇଛନ୍ତି । ପାଟିକରି ପଶିଆସିଲେ ମାଇକେଲ୍ । ପଛେ ପଛେ ଚୁଟି ଧରି ଘୋଷାରିଆଣିଲେ ଜଣେ ବୁଢାକୁ ଜର୍ଜ]

ମାଇକେଲ୍—Come on. ତୋର ଯାହା କହିବାର କଥା ତୁ ଏଇଠି କହିପାରୁ । ଦରଖାସ୍ତ ଦେଇପାରୁ । ତା ବୋଲି ଚର୍ଚ୍ଚ ସାମ୍ନାରେ ଯାଇ ପାଟି କରିବୁ ?

ବୁଢା—ଦରଖାସ୍ତ କରିଥିଲି, ସାହେବ !

ଜର୍ଜ—କୋଉଠି କରିଥିଲୁ ? ମିଛ କହୁଚୁ !

ବୁଢା—ମିଛ ନୁହେଁ । ପ୍ରାୟ ସପ୍ତାହକୁ ବେଶୀ ହବ ମୁଁ ଦରଖାସ୍ତ କରିଚ ।

ମାଇକେଲ୍—ତୁ ସପ୍ତାହେ ହବ ଦରଖାସ୍ତ କଲୁଣି…ଅଥଚ ସେ କାଗଜ ଏଠି ପହଞ୍ଚିନି !

ଜର୍ଜ—ଆମ ଶାସନରେ ଏ ପ୍ରକାର ବିଶୃଙ୍ଖଳା କେବେ ହେଇନି ।

ମାଇକେଲ୍—Absolutely false. ଏ ବୁଢା ମିଛ କହୁଚ । କିଏ ଅଛୁ ?

ବୁଢା—ବିଶ୍ୱାସ କରନ୍ତୁ । ମୁଁ ପ୍ରଭୁ ଯୀଶୁଙ୍କ ଦୋହାଇ ଦେଇ କହୁଚ ।

ଜର୍ଜ—ଆମେ ଯୀଶୁ ଫୀଶୁ କିଛି ଜାଣୁନା ।

Source: Author, Digitized by PPRACHIN, SOA

ମାଇକେଲ୍—ଏଠି ଆଣି କାଗଜ ଦବୁ, ଅଥଚ କାଗଜ ହଜିଯିବ ! କ'ଣ ଜର୍ଜ ?

ଜର୍ଜ—No ସାର୍, not possible.

ବୃଦ୍ଧ—ମୁଁ କେବେ ମିଛ କହୁନ, ସାହେବ ! ଆଉ ମିଛ କହି ଲାଭ ବା କ'ଣ ପାଇବି ? ବିଶ୍ୱାସ କରନ୍ତୁ, ମୁଁ ଦରଖାସ୍ତ କରିଛି । ଉତ୍ତର ନ ପାଇବାରୁ ବାଧ୍ୟ ହେଲି ପୁଣି ଖୋଜିବାକୁ ।

ମାଇକେଲ୍—କ'ଣ ହୋଇଛି ?

ବୃଦ୍ଧ—ମୋ ଝିଅକୁ ପାଉନ ।

ମାଇକେଲ୍—ତା' ନମ୍ବର କେତେ ?

ବୃଦ୍ଧ—Six two five nine (6259).

ମାଇକେଲ୍—କୋଉ କ୍ୟାମ୍ପ ?

ବୃଦ୍ଧ—Double two zero nine four (22094) B. O. D. କଠାନ୍ ।

ମାଇକେଲ୍—ଦେଖିଲ ଜର୍ଜ, କୋଉଠି ସେ ଦରଖାସ୍ତ କରିଛି ? ଦେଖ୍ ବୁଢା ! ତୋ ଆଗରେ ଯଦି ଦରଖାସ୍ତ ନ ମିଳେ ତେବେ ତତେ ଗୁଳି କରିଦିଆଯିବ ।

ବୃଦ୍ଧ—ଯା କ୍ଷମା କରିବେ କରନ୍ତୁ ପଛେ ମୋ ଝିଅ କୋଉଠି ଅଛି, କୁହନ୍ତୁ । ମୋର ଗୋଟିଏ ବୋଲି ଝିଅ ।

ଜର୍ଜ—Sorry, ସାର୍ ! ଦରଖାସ୍ତଟି ଭୁଲରେ ଏଠି ରହିଯାଇଛି ।

ମାଇକେଲ୍—What ? ରହିଯାଇଛି ? How is that ? କିମିତି ରହିଲା ? କାହିଁକି ରହିଲା ? ଜାଣ, ଏଥିପାଇଁ ତୁମକୁ ଦାୟୀ କରାଯିବ ! ନଇଁ ତୁମ ହାତରେ କୌଣସି ଫାଇଲ ପଡ଼ିରହିବ ନାହିଁ । ସବୁ ସାଙ୍ଗେ ସାଙ୍ଗେ dispose ହବ ।

ଜର୍ଜ—ହୋଇପାରୁନି, ସାର୍ ! ଫାଇଲଗୁଡ଼ା ବେଶୀ ହୋଇଗଲାଣି ।

Source: Author, Digitized by PPRACHIN, SOA

ମାଇକେଲ୍—ଫାଇଲ୍...ଫାଇଲ୍...Damn these files. ଆମର ନିୟମ ହେଉଥିଲା ଫାଇଲ ଗୁଡ଼ା ଆଉ ବ୍ୟବହାର, ସବୁ ଫୋନ୍‌ରେ ହବ ବୋଲି । ପୁଣି ସେଇ ଫାଇଲ business ?

ଜଜ୍—Extremely sorry, ସାର୍ ! କ୍ଷମା କରିବେ, ଭୁଲ ହେଇଗଲା । ମୁଁ ବର୍ତ୍ତମାନ ଫୋନ୍ କରି ବୁଝିନେଉଛି ।

ମାଇକେଲ୍—It is alright, ଶୀଘ୍ର ଫୋନ୍ କରି ବୁଝ ।

ଜଜ୍—(ଫୋନ୍ ଧରି) 5432. Hallo, ଲେବର କ୍ୟାମ୍ପ ? What ? ...6259, Yes ସେଇ ଝିଅଟି...କ'ଣ ହେଲା ? ଗୁଳିଯାଇଛି ? କେତେବେଳେ ? ସାତଘଣ୍ଟାରୁ ବେଶୀ ହବ ?...What ? ମିଳୁନି ? Strange ! ...alright, it is alright. Thank you.

ମାଇକେଲ୍—What is the matter, ଜଜ୍ ?

ଜଜ୍—6259 worker ପାଚେରି ଡେଇଁ ପଳେଇବା ଚେଷ୍ଟା କରୁଥିଲାବେଳେ ତା'କୁ ଗୁଳି କରାହେଇଛି ।

[ବୃଦ୍ଧ ଦୁଃଖରେ ଚିତ୍କାର କରିଛି]

ମାଇକେଲ୍—ଗୁଳି କରାହେଇଛି ? Good, very good. ବୁଝ, ଗୁଳି କଲା ପରେ ତା'ର dead body ତ ପାଇଥିବେ ?

ଜଜ୍—ନା ସାର୍, ଗୁଳି କଲା ପରେ ସେମାନେ ବହୁତ ଖୋଜିଲେ । ହେଲେ ପାଇଲେନି । ଆଜିଯାଏ ବି ସେ ମିଳିନି ।

ମାଇକେଲ୍—ତେବେ ଗଲା କୁଆଡ଼େ ? ଆଉ କ'ଣ ସେ ଥିବ ? ପୁଣି ହୁଏତ କିଏ ଗୁଳି କରି ମାରିଦେଇଥିବ ।

ବୃଦ୍ଧ—ନା ! ହେଇପାରେନା...ମୋ ଝିଅ...(ଚିତ୍କାର କରିଛି)

ଜଜ୍—ଏ ବୁଢ଼ା, ଏଠି ପାଟି କରନା । (ଧକ୍କା ଦେଉଛି)

ବୃଦ୍ଧ—ହଁ, ମୁଁ ପାଟି କରିବି । ଅଲବତ୍ ପାଟି କରିବି । ଗୋଟି ଗୋଟି କରି ସମସ୍ତଙ୍କୁ କହିବି ତମେ ଏ ସବୁ କ'ଣ କରୁଛ ?

Source: Author, Digitized by PPRACHIN, SOA

ମାଇକେଲ୍—ଚୁପ୍‌କର । ନ ହେଲେ ତତେ ବି ମାରିଦିଆଯିବ ।

ବୃଦ୍ଧ—ହାଃ-ହାଃ, ଧମକ ଦେଉଚ ? ମାର । ମାରିଦିଅ । ମୋ ଝିଅକୁ ମାରିଚ, ଆଉ ମୁଁ କହିଲି ବୋଲି ମତେ ମାରିବ ? ମାର ।

ମାଇକେଲ୍—ହେଣ୍ଡ୍ରି ! (ହେଣ୍ଡ୍ରି ଆସିଚ) ନେଇଯାଅ ଏ ବୁଢ଼ାକୁ ।

ବୃଦ୍ଧ—ଏଇ ଶାସନ ? ରାକ୍ଷସ ! ମୋ ଝିଅକୁ ନେଇ ମାରିଦେଲ, ଆଉ ମୁଁ କହୁଚି ବୋଲି ମତେ ମାରିବ ?

ମାଇକେଲ୍—Shut up ! (ଜର୍ଜ ଓ ମାଇକେଲ୍ ବାହାରିଗଲେ ।)

ବୃଦ୍ଧ—ଆଉ ବେଶୀଦିନ ନୁହେଁ । ତୁମେ ନଷ୍ଟହେବ ସେଦିନ । ମୋ ଝିଅକୁ ମାରିଚ, ମୋ ରବେକାକୁ ଗୁଳି କରିଚ, ତମର ଆଉ ନିସ୍ତାର ନାହିଁ । (ହେଣ୍ଡ୍ରି ଧରି ଟାଣିଚ) ତମେ ବି ମରିବ । ଗୋଟି ଗୋଟି ହୋଇ ମରିବ । ରବେକା···

[ବେହୋସ ହୋଇଯାଇଚ । ହେଣ୍ଡ୍ରି ଧରିନେଇଚ । ଅନ୍ଧାର । ପୁଣି ଆଲୋକ ଜଳିଲାବେଳକୁ ରବେକା ଅସ୍ତବ୍ୟସ୍ତ ଭାବରେ ପଶିଆସିଚ ଭିତରକୁ । ଯୀଶୁଙ୍କ ସ୍ଥାନରେ ବନ୍ଧୁକ ଦେଖି ପାଗଳାମି ପରି ହସି-ଉଠିଚ । ପଶିଆସିଛନ୍ତି ଜନ୍ ।]

ଜନ୍—ରବେକା ? (ରବେକା ହସିଚ) ରବେକା ! କ'ଣ ହେଇଚ ତମର ?

ରବେକା—କ'ଣ ହେଇଚ ? ପଚାରୁଚ କ'ଣ ହେଇଚ ? ସାରା ଦେଶଟା ଜଳୁଚ । ଆଉ ତମେ ? ବାଃ, ବେଶ୍ । (ପୁଣି ହସିଚ)

ଜନ୍—ତମେ ପଳେଇଆସିଚ ?

ରବେକା—ହଁ, କ୍ୟାମ୍ପର ତାରବାଡ଼ ଡେଇଁ ଚାଲିଆସିଚ ।

ଜନ୍—କ୍ୟାମ୍ପର ନିୟମ ଶୃଙ୍ଖଳା ଭାଙ୍ଗି ତମେ ଚାଲିଆସିଚ ?

ରବେକା—ନିୟମ ? ଶୃଙ୍ଖଳା ? ହାଃ-ହାଃ···ଏଇ ଦେଖ (ପିଠି ଦେଖାଇ) ସେମାନଙ୍କର ନିୟମ ଶୃଙ୍ଖଳାର ଚିହ୍ନ ।

Source: Author, Digitized by PPRACHIN, SOA

ଜନ୍—ରବେକା !

ରବେକା—ଚମକି ପଡ଼ୁଚ ? ହଁ, ଚମକିବାର କାହିଁକି ? ବାହାରେ କ'ଣ ଘଟୁଚି ତମେ କ'ଣ କିଛି ଜାଣୁନା ? ଶାସନ ନାଁରେ ଅତ୍ୟାଚାର···

ଜନ୍—ଅତ୍ୟାଚାର ?

ରବେକା—ହଁ, ମୋ'ର ଆଖି ଆଗରେ ଚାରି ଚାରିଟା ଝିଅ suicide କଲେ ।

ଜନ୍—Suicide ? କାହିଁକି ?

ରବେକା—ସେମାନେ ସେବିକା । ଅସୁସ୍ଥ, ମୁମୂର୍ଷୁ ରୋଗୀଙ୍କର ସେବା ବଦଳରେ ସେମାନଙ୍କୁ ବାଧ୍ୟ କରାଗଲା ଶାସକଗୋଷ୍ଠୀର ଦେହର କ୍ଷୁଧା ମେଣ୍ଟାଇବାପାଇଁ ।

ଜନ୍—ରବେକା, ଏସବୁ ବ୍ୟଭିଚାର ।

ରବେକା—ହଁ, ବ୍ୟଭିଚାର । ଆଉ ସେଇ ବ୍ୟଭିଚାରର ଶିକାର ହେବା ଆଗରୁ କ୍ୟାମ୍ପର ତାରବାଡ଼ ଡେଇଁ ଆମେ ଛଅଜଣ ଝିଅ ରାତି ଅନ୍ଧାରରେ ଲୁଚି ପଳେଇ ଆସିଲୁ । ପଛରେ ବୁଲେଟ୍ ଆଉ ସଙ୍ଗୀନ୍ । ମୋ'ର ଆଖି ଆଗରେ ଦୁଇ ଦୁଇଟା ଝିଅ ବୁଲେଟ୍‌ର ଶିକାର ହେଲେ । ଆଉ ମୁଁ···

ଜନ୍—ରବେକା !

ରବେକା—ତମେ ଚାହିଁଚ, ଜନ୍ ? ଚାଲ, ଆମେ ଏଠୁ ପଳେଇଯିବା ।

ଜନ୍—ପଳେଇଯିବା ?

ରବେକା—ହଁ, ଆମେ ବିଦ୍ରୋହ କରିବା । ବିପ୍ଳବର ନିଆଁ ଜାଳିଦେବା । ଗଣତନ୍ତ୍ର ଆଜି ବିପନ୍ନ । ଏ ଶାସନରେ ନାହିଁ ମାନବିକତା···ନାହିଁ ଦୟା, କ୍ଷମା, ବିଚାର ।

ଜନ୍—ନା ।

ରବେକା—ନା ? ତେବେ ?

Source: Author, Digitized by PPRACHIN, SOA

ଜନ୍—ଶତାବ୍ଦୀ ଶତାବ୍ଦୀ ଧରି କେତେ ଅତ୍ୟାଚାର, କେତେ ଅବିଚାର, କେତେ ବ୍ୟଭିଚାରର ଉଚ୍ଛୃଙ୍ଖଳ ବନ୍ୟା ଆସିଛି, ଆଉ ଆସିବ। ତେବେଲେ ମାନବିକତା ବଞ୍ଚିଛି ଏବଂ ଚିରଦିନ ବଞ୍ଚିବ।

ରେବେକା—ଜନ୍ !

ଜନ୍—ହଁ, ପ୍ରଭୁଙ୍କର ଏ ହେଉଛି ପରୀକ୍ଷା।

ରେବେକା—ପରୀକ୍ଷା ? ହାଃ ହାଃ···ତମେ ପଥର, ତମେ ନିର୍ଜୀବ। ତମ ଭିତରେ କୌଣସି ସ୍ପନ୍ଦନ ନାହିଁ, ଚେତନା ନାହିଁ, ଆବେଗ ନାହିଁ। ତମେ ପୁରୁଷ, ଅଥଚ ତମର ଆଖି ଆଗରେ ତମର ବାପ, ମାଆ, ଭାଇ. ଭଉଣୀ ଆଜି ଅତ୍ୟାଚାରିତ। ତମେ ତା'ର ପ୍ରତିବାଦ କରିବନି ? ତମେ ତା'ର ପ୍ରତିରୋଧ କରିବନି ? ଅନ୍ୟାୟ, ଅନୀତି ବିରୁଦ୍ଧରେ ମଥା ଟେକି ଛିଡ଼ା ହେବନି ?

ଜନ୍—ସେ ସମୟ ଏବେ ବି ଆସିନି, ରେବେକା !

ରେବେକା—ଆସିନି ? ଆହୁରି ବି କ'ଣ ଅଛି ? ଏଇ ମୁହୂର୍ତ୍ତରେ ତମେ ଯେତେବେଳେ ଏଠି ନୀରବରେ ପ୍ରଭୁ ଯୀଶୁଙ୍କର ବନ୍ଦନା କରୁଛ, ଠିକ୍ ସେତିକିବେଳେ ତାର-କାଡ଼ଘେରା କ୍ୟାମ୍ପ ପାଚେରିର ବଡ଼ା ପଥର ଭିତରେ କ'ଣ ଚାଲିଛି, ଜାଣ ? ଲୋକଙ୍କୁ ମୁଠାଏ ଖାଇବାକୁ ଦିଆଯାଉନି। ପିଇବାକୁ ଟୋପାଏ ପାଣି ଦିଆଯାଉନି। ସେଇ ଅବସ୍ଥାରେ ଶହ ଶହ ମା'ଆ, ଭଉଣୀଙ୍କ ଉପରେ ଚାଲିଛି ନିର୍ମମ ପାଶବିକ ଅତ୍ୟାଚାର। ସମସ୍ତଙ୍କ ଆଖିରେ ଲୁହ; କିନ୍ତୁ ପ୍ରତିବାଦ କରିବାର ଭାଷା କାହାରି ମୁହଁରେ ନାହିଁ। କୁହ ! ତୁମେ ଆଜି ସେଇମାନଙ୍କ ମୁହଁକୁ ଚାହିଁ ନୀରବ ରହିପାରିବ ?

ଜନ୍—ନିର୍ଯ୍ୟାତନା ଯେତେ କଠୋର ହୁଏ ପ୍ରଭୁ ସେତିକି ନିକଟତର ହୁଅନ୍ତି।

ରେବେକା—ମୁଁ ପ୍ରଭୁଙ୍କୁ ବୁଝେନା। ବୁଝେ ତୁମକୁ। ତୁମକୁ ମୁଁ ଭଲପାଏ। ତମର ଆଖି ଆଗରେ ତମର ରେବେକା ଆଜି ନିର୍ଯ୍ୟାତିତା। ତମେ ସେସବୁ ଶୁଣି ନୀରବ ରହିବ ? ନା-ନା, ଜନ୍ ! ତମେ ଏତେ କାପୁରୁଷ ହୋଇପାରନା। ତମେ ଚାଲ, ଆମେ ଏଠୁ ଚାଲିଯିବା।

Source: Author, Digitized by PPRACHIN, SOA

ଜନ୍—ସେ ଭଲ ପାଇବା ତମେ ପ୍ରଭୁଙ୍କ ଚରଣରେ ନିବେଦନ କର, ରେବେକା ! ପାର୍ଥିବ ବନ୍ଧନ ମୋ ପାଇଁ ମୂଲ୍ୟହୀନ ।

ରେବେକା—କିନ୍ତୁ ମୋ ପାଇଁ ତା' ମୂଲ୍ୟହୀନ ନୁହେଁ । ମୁଁ ଆଜ ତୁମକୁ ଜୋରକରି ଏଠୁ ନେଇଯିବି ।

ଜନ୍—ଜୋରକରି ?

ରେବେକା—ହଁ, ସେ ଅଧିକାର ମୋର ଅଛି ।

ଜନ୍—ରେବେକା, ବନ୍ଦକର ତୁମର ଏ ପାଗଳାମି ।

ରେବେକା—ପାଗଳାମି ? ହଁ, ତମେଇ ମତେ ପାଗଳ କରିଚ । ତମର ସେଇ ଆଖି, ତମର ସେଇ କଥା···ଆଜି ତମେ ଆଶ୍ରୟ ନ ଦେଲେ ମୁଁ ସତକୁସତ ପାଗଳୀ ହେଇଯିବି ।

ଜନ୍—ରେବେକା ! ଏ ତୁମେ କ'ଣ କହୁଚ ?

ରେବେକା—ନା, ଆଉ ମନା କରନା । ଚାଲ, ଆମେ ଏଠୁ ଚାଲିଯିବା । ଦୂରକୁ··· ବହୁଦୂରକୁ । (ଧରିଚି)

ଜନ୍—ନା, ଛାଡ଼ ମତେ । ମୁଁ ତୁମ ସାଙ୍ଗରେ ଯାଇପାରିବିନି ।

ରେବେକା—ଯିବନି ?

ଜନ୍—ନା ।

ରେବେକା—ନା ?

[ଗୋଟିଏ ଗୁପ୍ତଚର ମାରିଚି ଜନ୍‌କୁ । ପଶିଆସିଛନ୍ତି ମାଇକେଲ୍ ଓ ଜର୍ଜ]

ମାଇକେଲ୍—Oh, you are that girl who has escaped from the camp ?

Source: Author, Digitized by PPRACHIN, SOA

ରବେକା—Yes, I am. I am Rebeka.

ମାଇକେଲ୍—ତୁମେ କ୍ୟାମ୍ପର discipline ଭାଙ୍ଗିବାକୁ ଆସିଚ ?

ରବେକା—ଡିସିପ୍ଲିନ୍ ? ଡିସିପ୍ଲିନ୍‌ର ମାନେ ତମେ ବୁଝ ? ତୁମ ଅନ୍ୟାୟ ଶାସନରେ ଡିସିପ୍ଲିନ୍‌ର ସଂଜ୍ଞା ହଉଚି ବୀଭତ୍ସର । ଯୋଉଠି ଘର ବୋଲି କିଛି ନାହିଁ, ପରିବାର ବୋଲି କିଛି ନାହିଁ, ମାତୃ ହୃଦୟ ବୋଲି କିଛି ନାହିଁ, ସେଠି ମଣିଷ ଆଦିମ ସଭ୍ୟତାର କ୍ରୀତଦାସ ।

ମାଇକେଲ୍—You shut up !

ରବେକା—ତମେ କିଏ ମତେ ଚୁପ୍ କରିବ ? ମୋର ଯାହା କହିବାର କହିବି । ତମର ଶାସନ ବିରୁଦ୍ଧରେ କହିବି । ଏ ଦେଶର ଶାସନ, ସଂସ୍କୃତି, ପରମ୍ପରା ଅତି ପ୍ରାଚୀନ । ବିଦେଶରୁ ଆମଦାନୀ କରାଯାଇଥିବା ତମର ଏ ନୂଆ ସମ୍ବିଧାନ ଏଠି ଅଚଳ । ବନ୍ଧୁକ ମୂନରେ ତମେ ଶାସନ କରିବ ବୋଲି ଭାବୁଚ ? ନା, ତା ହୋଇପାରିବ ନାହିଁ । ବିଦେଶୀ ସରକାରର ଗୁଳିବନ୍ଧୁକ ଏଇଠି, ଏଇ ମାଟି ଉପରେ ଶହଶହ ବର୍ଷର ଅତ୍ୟାଚାର ପରେ ଜଣେ ମହାମାନବର ପାଦତଳେ ହାର ମାନି ଫେରିଯାଇଚି ।

ମାଇକେଲ୍—ଜର୍ଜ ! ଦେଖୁଚ କ'ଣ ? ନେଇଯାଅ ।

(ଜର୍ଜ ଟାଣିନେଇଚି ରବେକାକୁ)

ରବେକା—ଜନ୍ ! ମତେ କ୍ଷମା କର ।

ମାଇକେଲ୍—Lock her inside the room.

[ମାଇକେଲ୍ ହସି ହସି ବୁଲୁଛନ୍ତି । ଜର୍ଜ ଫେରି-ଆସିଚି ଏକା । ମାଇକେଲ୍ ଭିତରକୁ ଯିବା ସମୟରେ]

Source: Author, Digitized by PPRACHIN, SOA

ଜର୍ଜ—ସାର୍ !

ମାଇକେଲ୍—Mind your own business.

[ଖୁଲିଯାଇଛନ୍ତି ମାଇକେଲ୍ । ଭିତରୁ ଶବ୍ଦେଙ୍କାର ଚିତ୍କାର ଏବଂ ମାଇକେଲର ହସ ଭାସିଆସିଚି । ଜର୍ଜ ଦୁଃଖରେ ଭାଙ୍ଗିପଡ଼ିଚି । ଜନ୍ ଟେଣ୍ଟର ଚିନ୍ତାମଗ୍ନ ହୋଇ ଆମେନ୍ କରିଛନ୍ତି]

ଡ୍ରପ୍

Source: Author, Digitized by PPRACHIN, SOA

ତୃତୀୟ ଅଙ୍କ

[ଦ୍ୱିତୀୟ ଅଙ୍କର ସାଜସଜ୍ଜା । ଟେବୁଲ ଉପରେ କିଛି ଫାଇଲ । ସାଇଲକ୍ ଓ ଅମାସ୍ କଥାବାର୍ତ୍ତା ହେଉଥିଲେ]

ଅମାସ୍—ତମେ ପରା କହୁଥିଲ କେତେଟା ଦିନ ଭିତରେ ଏ ସରକାର ଭାଙ୍ଗିଯିବ ? ହେଲେ କାହିଁ ? ଗୋଟାଏ ବର୍ଷ ହୋଇଗଲାଣି. ଭାଙ୍ଗିଲାଭଳି ତ କିଛି ଦେଖା-ଯାଉନି । ବରଂ ସେମାନଙ୍କ ଶାସନ କ୍ରମେ ବେଶୀ ଦୃଢ଼ ହେଲାପରି ମନେ-ହେଉଛି ।

ସାଇଲକ୍—କିଏ କହିଲା, ଦୃଢ଼ ହେଉଛି ? ବରଂ ଚାରିଆଡ଼େ ଅଶାନ୍ତି, ଅସନ୍ତୋଷ ଓ ବିଦ୍ରୋହର ସୂଚନା ମିଳିଲାଣି ।

ଅମାସ୍—ଖାଲି ସୂଚନା ମିଳିଲେ ତ ହେବନି । ସେଇଟା କାର୍ଯ୍ୟକାରୀ ହେବା ଦରକାର ।

ସାଇଲକ୍—କାର୍ଯ୍ୟକାରୀ ହେବା କ'ଣ ଏତେ ସହଜ ? ଏ ତ ଆଉ ଗଣତନ୍ତ୍ର ସରକାର ନୁହେଁ ଯେ ସାମାନ୍ୟ ଅନ୍ୟାୟ ଦେଖିଲେ ତା'କୁ ବଡ଼ବଡ଼ ଅକ୍ଷରରେ ଖବରକାଗଜରେ ଛାପିବ, ଆନ୍ଦୋଳନ, ଧର୍ମଘଟ କରିବ ? ଏ ହେଉଛି ଉଗ୍ରପନ୍ଥୀମାନଙ୍କର ଶାସନ । ସେମାନେ ଯାହା ଚାହିଁବେ ବନ୍ଧୁକ ଦେଖେଇ କରିନେବେ ।

ଅମାସ୍—ଆରେ, କରେଇନେବେ କ'ଣ, ସବୁ ତ କରେଇ ନେଉଚନ୍ତି । ଲୋକଙ୍କର ପାଟି ଫିଟେଇବାକୁ ଚାରା କାହିଁ ? ନା, ଆଉ ହେବନି । ଚାଲ, ଏଠୁ ଲୁଚି ପଳେଇବା ।

Source: Author, Digitized by PPRACHIN, SOA

ସାଇଲକ୍—ସେଇଟା ଏତେ ସହଜ ନୁହେଁ ।

ଅମାସ୍—କାହିଁକି ? ସରକାରୀ ସୈନ୍ୟବାହିନୀ ଯେତେ ପହରାଦେଲେ ବି ଏ ଦେଶର ଲୋକେ ପ୍ରତିଦିନ ଦେଶର ସୀମା ଟପି ବାହାରକୁ ଚାଲିଯାଉଥିବାର ମୁଁ ଶୁଣିଛି ।

ସାଇଲକ୍—ହଁ, ଶୁଣିଥିବ ।

ଅମାସ୍—କାହିଁକି ? ସେ କ'ଣ ମିଛ ?.

ସାଇଲକ୍—ନା, ମିଛ ନୁହେଁ । ହେଲେ ସେଥିରେ ବିପଦ ଅଛି ।

ଅମାସ୍—ବିପଦ ?

ସାଇଲକ୍—ସେମାନଙ୍କ ଭିତରୁ କେତେ କେତେ ଧରାପଡ଼ି ଗୁଳିର ଶିକାର ହେଉଛନ୍ତି । ସେ ଖବର ତମେ ରଖିଚ ?

ଅମାସ୍—ଗୁଳିର ଶିକାର ହେଉଛନ୍ତି ?

ସାଇଲକ୍—ହଁ, ଲୁଚି ଲୁଚି ସୀମା ଟପିଲାବେଳେ ଯେଉଁମାନେ ଧରାପଡ଼ୁଚନ୍ତି ସେମାନଙ୍କୁ ବନା ବିଚାରରେ ଗୁଳି କରିଦିଆଯାଉଚି । ଆଉ ସେଇସବୁ ଶବକୁ ସୀମାନ୍ତ ଅଞ୍ଚଳର ବଣ ଜଙ୍ଗଲରେ ଗଛରେ ଝୁଲେଇଦେଇ ପୋଷ୍ଟର ମାରିଦିଆଯାଉଚି, "ସାବଧାନ ! ପଳେଇବା ହେଲେ ଏହିଭଳି ଶାସ୍ତି ପାଇବ ।"

ଅମାସ୍—ନାହିଁ, ନାହିଁ ! (ଭୟରେ)

ସାଇଲକ୍—ମୁଁ ଜାଣେ ତୁମେ ମୃତ୍ୟୁକୁ ଭୟ କର ।

ଅମାସ—ହଁ, ଭୟ କରେ । କାରଣ ମୋ ଜୀବନରେ ମୁଁ ତ କିଛି ପାଇନି ।

ସାଇଲକ୍—ପାଇନାହଁ ? ଅଥଚ, ଚର୍ଚ୍ଚରେ ବାଇବେଲ ଶୁଣେଇଲାବେଳେ ଅନେକଥର କହିଚ—"ମୃତ୍ୟୁ ହେଉଚି ପରମାତ୍ମା ସହିତ ଆତ୍ମାର ମିଳନ । ମାନବ ଜୀବନର ମୋକ୍ଷ ।" ସେ ସବୁ କଣ ମିଛ ?

Source: Author, Digitized by PPRACHIN, SOA

ଅମ'ସ୍—ଦେଖ, କେତେବେଳେ କ'ଣ କହୁଚ, ନ କହୁଚ, ସେ କଥା ମୋର ମନେ ନ ହିଁ । ମୁଁ ଖାଲି ଖବୁଚ କମିଟି ଏଠୁ ପଳେଇଯିବି ।

ସ'ଇଲକ୍—ଯିବ, ଯିବ, ନିଶ୍ଚୟ ଯିବ । ବ୍ୟସ୍ତ ହୁଅ ନାହିଁ । ମୁଁ ତମର ଯିବାର ବ୍ୟବସ୍ଥା ନିଶ୍ଚୟ କରିବି ।

ଅମାସ୍—ତମେ ସତ କହୁଚ ?

ସାଇଲକ୍—ହଁ, ଯିବ । ଏକା ନୁହେଁ, ମୋ ସାଥିରେ ।

ଅମାସ୍—ତମେ ବି କଣ ଏ ଦେଶ ଛାଡ଼ି ଚାଲିଯିବାକୁ ବସିଚ ?

ସାଇଲକ୍—ବସିଚ ମାନେ ? ନିଶ୍ଚୟ ଯିବି ।

ଅମାସ୍—କାହିଁକି ? ତମେ ତ ବର୍ତ୍ତମାନ ସରକାରଙ୍କର ଖୁବ୍ ପ୍ରିୟପାତ୍ର ।

ସା'ଇଲକ୍—ପ୍ରିୟପାତ୍ର ? କିଏ କହିଲା ? ସେମାନେ ମତେ ତାଙ୍କର ସ୍ୱାର୍ଥସିଦ୍ଧି ପାଇଁ କେବଳ ନାଆଁ କୁ ମାତ୍ର ଗୋଟାଏ ଶିଳ୍ପ ଉନ୍ନୟନ ଯୋଜନା ବୋର୍ଡର ଉପଦେଷ୍ଟା କରିଦେଇଚନ୍ତି ।

ଅମାସ୍—ସ୍ୱାର୍ଥସିଦ୍ଧି ପାଇଁ ?

ସାଇଲକ୍—ନୁହେଁ ତ ଆଉ କଣ ? ସେମାନେ ଦେଖିଲେ Industryଗୁଡ଼ିକ ଜାତୀୟକରଣ କଲା ପରେ ତାକୁ ଚଳେଇବାକୁ ମୁଣ୍ଡ ସେମାନଙ୍କର ନାହିଁ । ମୁଁ ଥିଲି ଆଗରୁ Industrial Boardର ଚେୟାରମ୍ୟାନ । ଦେଶର ସବୁ Industryର ଚାବି ଥିଲା ମୋ ହାତରେ । ଜୀବନ ବଞ୍ଚେଇବା ପାଇଁ ମୋର ସମସ୍ତ ସମ୍ପତ୍ତି ଜାତୀୟକରଣ ନାଆଁ ରେ ଭସେଇଦେଲି । ଆଉ ସେମାନେ Industry ଚଳେଇବାପାଇଁ ମତେ Industrial Boardର ମୁଖ୍ୟ ଉପଦେଷ୍ଟା କରିଦେଲେ ।

ଅମାସ୍—ଯାହାହଉ, ତମେ ତ ବଞ୍ଚିଲ ! କିନ୍ତୁ ମତେ ଏଠୁ ଉଦ୍ଧାର କର ।

ସାଇଲକ୍—ଖାଲି ତମେ ଏକା କାହିଁକି ? ତମେ ମୁଁ ଉଭୟେ ମିଶି କମିଟି ଏଠୁ ଉଦ୍ଧାର ହବା । ମୁଁ ସେଇ ଚେଷ୍ଟାରେ ଅଛି ।

Source: Author, Digitized by PPRACHIN, SOA

ଅମାସ୍—କଣ ଆଉ ଚେଷ୍ଟା କରୁଛ ଯେ ?

ସାଇଲକ୍—ଶୁଣିବ ? ବର୍ତ୍ତମାନ Industryକୁ ଚଳେଇବାପାଇଁ ଯେଉଁସବୁ ଅଫିସରମାନଙ୍କୁ ବାଛୁନେଇଛନ୍ତି ସେଥିରେ ସେମାନଙ୍କର ଶିଳ୍ପ ଯୋଜନା ପୁରାପୁରି ଭୁଷୁଡ଼ିପଡ଼ିବ ।

ଅମାସ୍—ସତରେ ?

ସାଇଲକ୍—ହଁ, ସେମାନଙ୍କୁ ମାରିବାର ବାଟ ତ ଏଇଆ ।

ଅମାସ୍—ସେମାନେ କଣ ତୁମକୁ କ୍ଷମା ଦେବେ ?

ସାଇଲକ୍—ସେତେବେଳକୁ ଏ ଦେଶରୁ ଗୁଳିଯିବାପାଇଁ ମୁଁ ବାଟ କରିସାରିଥିବି ।

ଅମାସ୍—କମିତି ?

ସାଇଲକ୍—Industrial Planning Boardର Chief Adviser ହିସାବରେ ସେମାନେ ମତେ ଯେଉଁ ଅଖଣ୍ଡ କ୍ଷମତା ଦେଇଚନ୍ତି ତା'ର ବଳରେ ଏତକ ମୁଁ ନିଶ୍ଚୟ କରିପାରିବି ।

ଅମାସ୍—ଠିକ୍ କରିଚ, ଭଲ କରିଚ । ତୁମେଇ ଦେଖିବ ଏମାନଙ୍କୁ ଠିକ୍ ଚଡ଼ା କାଟିପାରିବ । କିନ୍ତୁ ସାଇଲକ୍, ମତେ ଚିମିତି ସାଙ୍ଗରେ···

ସାଇଲକ୍—ନା, ବ୍ୟସ୍ତ ହୁଅ ନାହିଁ । ହେଲେ ମୋ ପାଇଁ ଯେଉଁ ରାସ୍ତାଟି ସିଧା, ତମ ପାଇଁ ସେଇଟା ବଙ୍କା ।

ଅମାସ୍—ତେବେ ?

ସାଇଲକ୍—କିଛି ନାହିଁ । ଟଙ୍କା ଖର୍ଚ୍ଚ କଲେ ସବୁ ହେଇପାରିବ ।

ଅମାସ୍—ଟଙ୍କା ? କେତେ ଟଙ୍କା ?

ସାଇଲକ୍—ଅତି କମ୍‌ରେ ଦେଢ଼ ଲକ୍ଷ ।

ଅମାସ୍—ଏଁ, ଦେଢ଼ ଲକ୍ଷ ! ଏତେ ଟଙ୍କା ଆସିବ କୋଉଠୁ ?

Source: Author, Digitized by PPRACHIN, SOA

ସାଇଲକ୍—କାହିଁକି ? ମୋ ସମ୍ପତ୍ତି.ସିନା ସରକାର ଜାତୀୟକରଣ କରିନେଇଛନ୍ତି ଯେ ମୁଁ ରାସ୍ତାର ଭିକାରି ହୋଇ ବୁଲୁଛି । କିନ୍ତୁ ତମର ଗୁପ୍ତଧନଗୁଡ଼ିକ ତ କେହି ନେଇଯାଇନି ।

ଅମାସ୍—ନା, ଅବଶ୍ୟ କେହି ନେଇନି ।

ସାଇଲକ୍—କେତେ ଟଙ୍କା ହବ ?

ଅମାସ୍—ମୁଁ କ'ଣ ଗଣିଛି ! ସେଇ ଜନ୍ତା ଉପରେ ମୁଁ କିଛି କହିପାରୁନି । ଯଦି ସେ ଜାଣିପାରିବ ତେବେ ସ୍ୱଚ୍ଛଅଧରେ ମୋ ତଣ୍ଟିଟାକୁ ଚିପିଦବ । ତେବେ ଖୁବ୍ ବେଶିରେ ଲକ୍ଷେ ଟଙ୍କା ହବ ବୋଲି ମୁଁ ଆଶା କରୁଛି ।

ସାଇଲକ୍—ଠିକ୍ ଅଛି । ଆଉ ପଚିଶହଜାର କୋଉଠୁ ଯୋଗାଡ଼ କର ।

ଅମାସ୍—କୋଉଠୁ ? ମୋର ତ ଆଉ କିଛି ରୋଜଗାରର ପନ୍ଥା ନାହିଁ ।

ସାଇଲକ୍—ଚର୍ଚ୍ଚର ଗନ୍ତାଘର ସମ୍ପତ୍ତି ଉପରେ ଆଖି ପକାଉନ !

ଅମାସ୍—ସେ ତ ସରକାରଙ୍କ ତରଫରୁ ଗୃହ ପଡ଼ି ସିଲ୍ ଦିଆହୋଇଛି । ସେ ଗୃହ ଖୋଲିବାର ଅଧିକାର ମୋର କାହିଁ ?

ସାଇଲକ୍—ଆଚ୍ଛା ! ଚର୍ଚ୍ଚର କୌଣସି ସମ୍ପତ୍ତି ସରକାର ହସ୍ତାନ୍ତରିତ କରିନାହାନ୍ତି ତ ?

ଅମାସ୍—ନା, ଚର୍ଚ୍ଚ ସମ୍ପତ୍ତି ଉପରେ ସେମାନଙ୍କର ଆଖି ଏ ପର୍ଯ୍ୟନ୍ତ ପଡ଼ିନି ।

ସାଇଲକ୍—Alright, ମୁଁ ଇମିତ ଗୋଟାଏ ଯୋଜନା ଆରମ୍ଭ କରିଦଉଛି, ଯିମିତ ଚର୍ଚ୍ଚର ସମସ୍ତ ସମ୍ପତ୍ତିର ତାଲିକା ପ୍ରସ୍ତୁତ କରିବାପାଇଁ ସାତଦିନ ଧରି ସ୍ୱତମତ ଗୋଟ'ଏ ଗହଳଚହଳ ଲାଗିଯିବ ।

ଅମାସ୍—କିନ୍ତୁ ସ୍ୱା' କ'ଣ ତମେ କରିପାରିବ ?

ସାଇଲକ୍—ନ ପାରିବ କାହିଁକି ? ଧର୍ମାନୁଷ୍ଠାନଗୁଡ଼ିକର ଧର୍ମନାମରେ ଯେତେସବୁ ସମ୍ପତ୍ତି ଗଚ୍ଛିତ ରହୁଛି, ସେସବୁ ଏକାଠିକରି Industryରେ invest

Source: Author, Digitized by PPRACHIN, SOA

କରିବାପାଇଁ ମୁଁ ସରକାରଙ୍କୁ ଗୋଟାଏ ଯୋଜନାଦେବି । ମୋ ପରାମର୍ଶ ଯେ ସେମାନଙ୍କ ପାଇଁ ମୂଲ୍ୟବାନ୍ ଏଥିରେ କ’ଣ ତମର ସନ୍ଦେହ ଅଛି ?

ଅମାସ୍—ନା, ଏଥିରେ ମୋର ସନ୍ଦେହ ନାହିଁ । କିନ୍ତୁ ଲାଭ ?

ସାଇଲକ୍—ଲାଭ ଏତିକି ଯେ, ଯେଉଁ ସବୁ ଚିଦନ ଭିତରେ ଚର୍ଚ୍ଚର ସମ୍ପତ୍ତି ସବୁ ସିଲ୍ ଭଙ୍ଗାହୋଇ ତାଲିକା ପ୍ରସ୍ତୁତ କରାଯିବ ତା’ରି ଭିତରେ ତମେ ଦାମିକା ଜିନିଷଗୁଡ଼ିକ ତାଲିକାରେ ନ ରଖି ଖୁବ୍ ସାବଧାନରେ ହରଣଚାଳ କରିବ ।

ଅମାସ୍—କିନ୍ତୁ ସୁଯୋଗ ?

ସାଇଲକ୍—ନିଶ୍ଚୟ ମିଳିବ । କାରଣ ଏ ଚର୍ଚ୍ଚର ସବୁଠୁ ପୁରୁଣା ଖ୍ରିଷ୍ଟ ହିସାବରେ ପ୍ରତ୍ୟେକ ସମ୍ପତ୍ତିର ତାଲିକା କରିବାପାଇଁ ତମକୁ ନିଶ୍ଚୟ କହିବେ ସେସବୁ ସମ୍ପତ୍ତି ଦେଖିବାର ସୁଯୋଗ ମିଳିବ । ସେଇ ସୁଯୋଗରେ···

ଅମାସ୍—ହଉ, ହଉ, ତମର କଥା ଅନୁସାରେ ମୁଁ ସେଇ ସୁଯୋଗର ଅପେକ୍ଷାରେ ରହିଲି ।

ସାଇଲକ୍—ସୁଯୋଗ ତମକୁ ମିଳିବ । କିନ୍ତୁ ମୁଁ ତୁମକୁ ଯାହା କହିଲି ସେକଥା ଯେମିତି ଭୁଲି ନ ଯାଅ ।

ଅମାସ୍—ସୁଯୋଗର ସଦ୍‌ବ୍ୟବହାର କରିବାକୁ ମୁଁ କେବେ ପଛେଇବିନି । (ପାଖକୁ ଲାଗିଆସି) ଅନେକ କିଛି ଅଛି । ସୁନା, ରୁପା, ଦାମୀ ପଥର, ରାଜାମହାରାଜାମାନଙ୍କ ଦେଇଥିବା ଅନେକ ମୂଲ୍ୟବାନ ଉପହାର । ତା’ଛଡ଼ା ଖାଣ୍ଟି ସୁନାରେ ତିଆରି Cross ଆଉ Jesus Christଙ୍କର ଏକ ପ୍ରତିମା ।

ସାଇଲକ୍—Jesus Christ and Cross ? Pure gold ?

ଅମାସ୍—ଓଜନ କେତେ ହବ ଜାଣିଚ ? ଅତିକମ୍‌ରେ ତିନିହଜାର ଗ୍ରାମ୍ ।

ସାଇଲକ୍—ତିନିହଜାର ଗ୍ରାମ୍‌ର ଖାଣ୍ଟି ସୁନା ! ତମେ ପ୍ରସ୍ତୁତ ହୋଇ ରୁହ । ମୁଁ ଶୀଘ୍ର ବ୍ୟବସ୍ଥା କରୁଚି । କିନ୍ତୁ ଏତେଗୁଡ଼ାଏ ଦାମୀ ଜିନିଷ ହାତରେ ପାଇ ଯିମିତି ଭୁଲି ନ ଯାଅ ।

Source: Author, Digitized by PPRACHIN, SOA

[ସାଇଲକର ପ୍ରସ୍ଥାନ । ବିପରୀତ ଦିଗରେ ଥମାସର ପ୍ରସ୍ଥାନ । ଦିନର ଆଲୋକ ଲିଭି ଆସୁଛି ସନ୍ଧ୍ୟା ହୋଇଛି । ରେବେକା କୋଳରେ ଶିଶୁଟିଏ ଧରି ଧୀରେ ଧୀରେ ପ୍ରଭୁଙ୍କ ସେଇ ବେଦୀ ନିକଟକୁ ଆସି ଶିଶୁଟିକୁ ଶୁଆଇଦେଇଛି ।

ଭିତରୁ କରୁଣ ରାଗିଣୀର ମୂର୍ଚ୍ଛନା ଭାସିଆସିଛି]

ଗୀତ

ଶାନ୍ତିର କପୋତ ଯାଇଛି ଉଡ଼ି,
ମୁକ୍ତିର ମଶାଲ ଗଲାଣି ଲିଭି,
ଅନ୍ଧକାର ଆସେ ଘନାଇ ।୧।

ପ୍ରଳୟ ଆସେ ଶିଖା ମେଲି,
ସମୁଦ୍ର ଆସେ ଭୟଙ୍କରୀ,
ସୃଷ୍ଟି ଏକ ତୁମ ଲିଭିଯିବ କି ନା।
ରକ୍ଷ କର ପ୍ରଭୁ ସତ୍ବର ।୨।

(ଗୀତ ଶେଷରେ ଆସିଛନ୍ତି ଜନ୍ । ରେବେକା କାନ୍ଦୁଛି)

ଜନ୍—ରେବେକା !

ରେବେକା—ଜନ୍, ତମେ ? ତମେ ଏବେ ବି ଏଇଠି ଅଛ ?

ଜନ୍—ହଁ, ଏଇଠି ଅଛି । ଆଉ ତମେ ? ତମେ ଏତେଦିନ କୋଉଁଠି ଥିଲ ?

ରେବେକା—କୋଉଠି ଥିଲି ? ସେକଥା ତମର ଜାଣିବା କଣ ଦରକାର ?

ଜନ୍—ଉପହାସ କରୁଛ ?

ରେବେକା—ଉପହାସ ? ତୁମକୁ ? ନା, ଏତେ ବଡ଼ ମହାନ୍ ଆତ୍ମା, ଧାର୍ମିକ, ପୁଣ୍ୟବାନ ଲୋକଙ୍କୁ ମୁଁ ଉପହାସ କରିବି !

ଜନ୍—ରେବେକା, କଣ ହେଇଛି ତୁମର ?

Source: Author, Digitized by PPRACHIN, SOA

ରବେକା—କଣ ହେଉଛି ? ଏଇ ଦେଖ (ରିଣ୍ଟୁଆଡ଼କୁ ହାତ ଦେଖାଇ)

ଜନ୍—କାହାର ?

ରବେକା—କାହାର ?…ମୋର । ମୋର ପ୍ରଣୟୀର ପୁରସ୍କାର । ସେଦିନ ତମର ଆଖି ଆଗରେ ଜର୍ଜ ମତେ ଟାଣିନେଇଗଲା । ମାଇକେଲ୍ ମୋ ଉପରେ ଅତ୍ୟାଚାର କଲା । ତା ପରେ ଦୀର୍ଘଦିନ ଧରି ମୁଁ କଡ଼ା ପହରା ଭିତରେ ରହିଲି ।

ଜନ୍—ତୁମ୍ଭ ତୁମ ସହ ଏତେ ନିଷ୍ଠୁର ହୋଇପାରିଲେ କିମିତି, ମୁଁ ଭାବିପାରୁନି ।

ରବେକା—କିମିତି ? ତମରି ପାଇଁ । ତମଠାରୁ ମୁଁ ଅନେକ କିଛି ଆଶା କରିଥିଲି । ସେଇଥିପାଇଁ ଆଜି ମୋର ଏ ଶାସ୍ତି ।

ଜନ୍—ତମେ ଏ କଣ କହୁଚ ?

ରବେକା—ସେଦିନ ମୁଁ ତମ ପାଖକୁ ଆସିଥିଲି । ଆସିଥିଲି ତମକୁ ଧରି ଏ ଦେଶ ଛାଡ଼ି ଚାଲିଯିବାର ଶପଥ ନେଇ । କିନ୍ତୁ ପାଇଲି ସାରା ଜୀବନ ପାଇଁ ଲାଞ୍ଛନା…ଉପହାସ ।

ଜନ୍—ଜାଣେ, ମୁଁ ସବୁ ଜାଣେ, ରବେକା ! ହେଲେ…

ରବେକା—ହେଲେ ? ଟିକିଏ ଚିତ୍କାର କରିପାରିଲ ନାହିଁ ? ପ୍ରତିବାଦ କରିପାରିଲ ନାହିଁ ? ବିଦ୍ରୋହ କରିପାରିଲ ନାହିଁ ?

ଜନ୍—ବିଦ୍ରୋହ ?

ରବେକା—ମୁଁ ଜାଣେ, ବିଦ୍ରୋହ ତମେ କରିପାରିବ ନାହିଁ । ଖାଲି ଲୋକଙ୍କ ମିଠାବାଣୀ ଶୁଣିପାରିବ । ଭୀରୁ, କାପୁରୁଷ, ଅମଣିଷ !

ଜନ୍—ରବେକା ?

ରବେକା—ହଁ, ତମେ ଅମଣିଷ, ପଶୁ । (କାନ୍ଦିଉଠିଚି)

ଜନ୍—ଅଭିଯୋଗରେ ତମେ ମତେ ଅଭିଶାପ ଦଉଚ ? ଦିଅ, ହେଲେ ମତେ ବୁଝିବାକୁ ଚେଷ୍ଟାକର ।

Source: Author, Digitized by PPRACHIN, SOA

ରବେକା—ନା, ତମଠାରୁ ମୁଁ ଆଉ କିଛି ଆଶା କରୁନି । ମୋର ଦେହ, ମନ ଆଜି କଳୁଷିତ ହୋଇଯାଇଛି । ତୁମ ଶୁଭ୍ରପୂତ ଜୀବନଦେଉଳରେ ନିଷ୍ପାପ ପୂଜାଫୁଲ ହେବାର ଯେଉଁ ସ୍ୱପ୍ନ ମୋର ଥିଲା, ସେସବୁ ଆଜି ଲିଭିଯାଇଛି ।

ଜନ୍—ସିମିତି କୁହନି ରବେକା, ସିମିତି କୁହନି । କିଏ ପବିତ୍ର ? କିଏ ନିଷ୍ପାପ ?

ରବେକା—ଇମିତି କଥା ତମେ ମତେ ସାନ୍ତ୍ୱନା ଦେବ, ଶୁଣୁଛ ? ନା, ଆଜି ମୁଁ ଯାହା ସ୍ଥିର କରି ଆସିଛି ସେଇଆ କରିବି ।

ଜନ୍—କଣ ତମେ ସ୍ଥିର କରିଛ ?

ରବେକା—ଆସିଥିଲି କାହାରିକି କିଛି ନ କହି ଶିଶୁଟିକୁ ଚର୍ଚ୍ଚରେ ଛାଡ଼ିଦେଇ ଯାଇଅଛି ।

ଜନ୍—ରବେକା !

ରବେକା—ଯେଉଁ ପୁରୁଷର ସ୍ତ୍ରୀ ହବାର ଗୌରବନେଇ ମୁଁ ଦୁନିଆରେ ଛିଡ଼ାହୋଇପାରିଲିନି, ସେଇ ପୁରୁଷକୁ ଶିଶୁର ପିତାର ପରିଚୟ ଦେଇ କି ହବ ? ଦୁନିଆରେ ମୁଁ ନିଜକୁ ଶ୍ରେଷ୍ଠ କରିବି ? ବରଂ ସେ ଏଇଠି ଥାଉ । ଯୋଉଠି, ଯୋଉ ଚର୍ଚ୍ଚରେ ତା' ମାଆ ଦିନେ ଫୁଲ ତୋଳିବାକୁ ଆସୁଥିଲି, ସେଇ ବଗିଚାର ଫୁଲଟିଏ ହୋଇ ଥାଉ । ସେଇ ତା'ର ପରିଚୟ ।

ଜନ୍—ଆଉ ତମେ ?

ରବେକା—ମୁଁ ? ହାଃ-ହାଃ-ହାଃ…

[ଅଣ୍ଟାରୁ ରିଭଲଭର କାଢ଼ି ନିଜକୁ ଗୁଳି କରିବାକୁ ଉଦ୍ୟତ ହେଲାବେଳେ ଜନ୍ ହାତଟାକୁ ଧରିପକାଇଛି—Blank fire ହୋଇଯାଇଛି ।
ଅନ୍ଧାର…

ଆଲୁଅ ଜଳିଲାବେଳକୁ ଜର୍ଜ ଓ ଥମାସ୍ ଛିଡ଼ା ହୋଇଛନ୍ତି । ଜର୍ଜଙ୍କ ହାତରେ ଖଣ୍ଡେ କାଗଜ]

Source: Author, Digitized by PPRACHIN, SOA

ଜର୍ଜ—ଏଇ ଚାଲାକାଟି ପଢ଼ି ଦେଖିତ ?

ଅମାସ୍—ହଁ ।

ଜର୍ଜ—କ'ଣ, ସବୁ ଠିକ୍ ଅଛି ?

ଅମ ସ୍—ମୁଁ କମିତ କହିବ ?

ଜର୍ଜ—ତମେ କହିବନ ତ ଆଉ କିଏ କହିବ ?

ଅମାସ୍—ଯିଏ ତ'ଲିକା କରିଚ ସେଇ କହିବ ।

ଜର୍ଜ—ଏ ତ ଲିକା ମୁଁ କରିଚ । ଆଉ ଜନ୍ ମତେ ସ ହ'ଯ୍ୟ କରିଚ ।

ଅମ'ସ୍—ତା'ହେଲେ ମତେ କାହିଁକି ପଚାରୁଚନ୍ତି ?

ଜର୍ଜ—ତୁମକୁ ପଚାରୁଚ, କାରଣ ପୀର୍ଘଦିନ ହେଲା ତମେ ଏ ଦ ସ୍ତିତ୍ୱରେ ଥିଲ ।

ଅମାସ୍—ହଁ, ଥିଲି । କିନ୍ତୁ ଚର୍ଚ୍ଚ ସମ୍ପତ୍ତି ତାଲିକା କଲାବେଳେ ମୋର ସ'ହାଯ୍ୟ ନ ନେଇ ଆପଣ ଜନ୍‌କୁ ଡ'କଲେ ।

ଜର୍ଜ— ହଁ, ଡାକିଲି, କାରଣ ତମ ଉପରେ ମୋ'ର ବିଶ୍ୱାସ ନାହିଁ ।

ଅମାସ୍—ବିଶ୍ୱ ସ ନ'ହିଁ ?

ଜର୍ଜ—ହଁ, ତମରଭଳି ଅନେକ ଧର୍ମ୍ମଯାଜକ ତ ଲିକା କରିବାର ଦାୟିତ୍ୱ ନେଇ ଚର୍ଚ୍ଚର ଅନେକ ମୂଲ୍ୟବାନ ସମ୍ପତ୍ତି ଆତ୍ମସାତ୍ କରିଥିବାର confidential report ଆମ ପ.ଖରେ ପହଞ୍ଚିଛି ।

ଅମାସ୍—ତା' ହେ.ଲି ଆପଣ ଭାବୁଚନ୍ତି ମୁଁ ବି ସେଇମାନଙ୍କ ଭଳି ! ହଉ, ଭଲ ହେଲା, ସେଇ ଜନ୍ ଆପଣଙ୍କୁ ବୁଝେଇଉ । ମୁଁ ବୁଢ଼ା ଲୋକ ' ମତେ ବଗିଚାରେ କାମ ଦିଆଯାଇଚ । ମୁଁ ଯାଉଚ ମେ. କାମ କରିବ । (ଯାଉଥିଲେ)

ଜର୍ଜ—ରୁହ ! ତମେ କୁଆଡ଼େ ଯାଇପାରିବନି ।

ଅମାସ୍—କାହିଁକି ?

Source: Author, Digitized by PPRACHIN, SOA

ଜର୍ଜ—ତମକୁ ବର୍ତ୍ତମ ନ ଥାନାକୁ ନଆସିବ ।

ଅମ ସ୍—ଥାନାକୁ ? କାହିଁକି ?

ଜର୍ଜ—କାରଣଟା ତମେ ସେଇଠିକି ଗଲେ ଜାଣିପାରିବ ।

ଅମ ସ୍—କାହିଁକି, ମୋ କାମରେ ମୁଁ ତ କିଛି ଖିଲାଫ୍ କରିନ ।

ଜର୍ଜ—କି ମତରେ ଖିଲାଫ୍ କରିନାହଁ । କିନ୍ତୁ ଏକଥା କ'ଣ ମିଛ ଯେ ସବୁ କାମ ଜନ୍ କରିଦେଇଚ ?

ଅମାସ୍—ଏକଥା କିଏ କହିଲା ?

ଜର୍ଜ—ଖାଲି ସେତିକି ନୁହେଁ । ତମ ନାଆଁରେ ଅଭିଯୋଗ ଯେ ତମେ ଏ ଦେଶରୁ ପଳେଇଯିବାକୁ ଷଡ଼ଯନ୍ତ୍ର କରୁଚ ।

ଅମ ସ୍— ମିଛ, ମିଛ···ଏକଥା ଡାହା ମିଛ । ସେଇ ଜନ୍‌ଟା ମୋ ନାଆଁରେ···

ଜର୍ଜ—Shut up, ସାଇଲକ୍ ସାଙ୍ଗରେ ତମେ ଏ ଧରଣର ଷଡ଼ଯନ୍ତ୍ରରେ ଲିପ୍ତ ହୋଇନାହଁ ବୋଲି କହିପାରିବ ?

ଅମାସ୍—ସାଇଲକ୍ ? ସେ ତ ଆପଣଙ୍କ Industrial Planning Boardର ଚେୟାରମ୍ୟାନ୍ ।

ଜର୍ଜ—ନା, ସେ ଆଉ ଚେୟାରମ୍ୟାନ୍ ନୁହେଁ । ତାକୁ ମଧ୍ୟ ଏଇ ଅଭିଯୋଗରେ ଗିରଫ କରାଯାଇଚ ।

ଅମାସ୍—ଏଁ ! ତାକୁ ମଧ୍ୟ ଗିରଫ କରାଯାଇଚ ?

ଜର୍ଜ—କ'ଣ planଟା ଫେଲମାରିଗଲା, ନା ? ଉହେଁ ମିଶି ଯିମିତ ଏକାସଙ୍ଗେ ଦେଶରୁ ପଳେଇଯିବାକୁ ବସିଥିଲ, ସିମିତ ଏକାସାଙ୍ଗରେ ଦୁଇଜଣଙ୍କୁ ଫାଶୀଖୁଣ୍ଟରେ ଝୁଲେଇଦିଆଯିବ ।

ଅମାସ୍—(ଚିତ୍କାର କରି) ଫାଶୀ ! ନା, ନା···

ଜର୍ଜ—ସେଣ୍ଟ୍ରି ! (ସେଣ୍ଟ୍ରି ଆସିଚ) ନେଇଯାଅ ଏ ବୁଢ଼ାଟାକୁ ।

Source: Author, Digitized by PPRACHIN, SOA

[ସେଣ୍ଟି ଟାଣିଟାଣି ନେଇଯାଇଚ ଅମାସଙ୍କୁ ।
ଆସିଚ ଜନ୍]

ଜନ୍—ସାର୍, କ'ଣ ହେଉଚ ? ଏସବୁ ପାଟି···ଚକ୍କାର···

ଜର୍ଜ—ତୁମର ସେସବୁ ନେଇ ଖବରଦାର କିଛୁ ନାହିଁ । ତମେ ଯାଅ ଚଚ ର ଗନ୍ତା-ଘରେ ଯାହା ଅଛୁ ସବୁ verify କର ଦେଖିନଅ, ଏଇ list ଅନୁସାରେ ସିମିତ ସବୁ ଠିକ୍ ଥାଏ ।

[ଜନ୍ ଗୁଲିଯାଇଚ । ବାହାରେ ଜିପ୍ ରହିବା ଶବ୍ଦ । ଆସିଛନ୍ତି ମାଇକେଲ୍]

ଜର୍ଜ—Take your sit, sir !

ମାଇକେଲ୍—ନା, ବସିବାକୁ ମୋର ସମୟ ନାହିଁ । ମୁଁ ଗୋଟାଏ ଜରୁରୀ କାମରେ ଆସିଚ ।

ଜର୍ଜ—ଜରୁରୀ କାମ ?

ମାଇକେଲ୍—ହଁ ! ଚର୍ଚ୍ଚର ଗନ୍ତାଘରର ଥିବା ସମସ୍ତ ସମ୍ପତ୍ତି verify କର report ଦବାର ଶେଷତାରିଖ କାଲି । ଠିକ୍ସମୟରେ ଦେଇ ନ ପାରିଲେ···

ଜର୍ଜ—ସେସବୁ ହେଇଯାଇଚ, ସାର୍ !

ମାଇକେଲ୍—ହେଇଯାଇଚ ?

ଜର୍ଜ—ହଁ, ସାର୍ !

ମାଇକେଲ୍—ସବୁ କିଛି ?

ଜର୍ଜ—ହଁ, ସାର୍ !

ମାଇକେଲ୍—ତମେ ନିଜେ କରଚ ?

ଜର୍ଜ—ହଁ, ଆଉ ମତେ ସାହାଯ୍ୟ କରଚ ଜନ୍ ।

ମାଇକେଲ୍—କିନ୍ତୁ ତୁମର ଉପସ୍ଥିତିରେ ସବୁ ହେଇଚ ତ ?

Source: Author, Digitized by PPRACHIN, SOA

ଜର୍ଜ—ମନେ ହଉଚ, ଆପଣ............

ମାଇକେଲ୍—ହଁ, ମୁଁ ନିଜେ ଖବର ପାଇଚ, ଅନେକ ଜାଗାରେ ଏଇସବୁ ସମ୍ପତ୍ତି ସରକାରଙ୍କ ହସ୍ତାନ୍ତରିତ କରିବା ପାଇଁ ଯେଉଁମାନଙ୍କୁ ଦାୟିତ୍ୱ ଦିଆଯାଇଚ ସେଥିରୁ କେତେକ ମୂଲ୍ୟବାନ ପଦାର୍ଥର ପତ୍ତା ମିଳୁନି ।

ଜର୍ଜ—ମାନେ !

ମାଇକେଲ୍—ମାନେ, ଆତ୍ମସାତ୍ ।

ଜର୍ଜ—ଆତ୍ମସାତ୍ ?

ମାଇକେଲ୍—ହଁ, ସେଥିପାଇଁ ମୋର କହିବାର କଥା, ତୁମେ ନିଜେ...

ଜର୍ଜ—ହଁ, ମୁଁ ନିଜେ...

ମାଇକେଲ୍—ଆଚ୍ଛା, ତମେ ନିଶ୍ଚୟ ଜାଣିଥିବ ଏଠି ଗୋଟାଏ ଯୀଶୁଖ୍ରୀଷ୍ଟଙ୍କ ମୂର୍ତ୍ତି ଅଛି ?

ଜର୍ଜ—ମୂର୍ତ୍ତି ତ ଅନେକ ଅଛି ।

ମାଇକେଲ୍—ମୁଁ କିନ୍ତୁ ସେଇ ସୁନାମୂର୍ତ୍ତିଟା କଥା କହୁଚ ।

ଜର୍ଜ—ହଁ, ଅଛି ତ !

ମାଇକେଲ୍—Really, ଅଛି ତା'ହେଲେ ? ତମେ ନିଜେ ଦେଖିଚ ? କୋଉଠି ଅଛି ?

ଜର୍ଜ—ଜନ୍ କହୁଥିଲା, ବୋଧହୁଏ ସେଇ ଭିତରଘରେ ପଡ଼ିଚ ।

ମାଇକେଲ୍—ପଡ଼ିଚ ?

ଜର୍ଜ—ମୁଁ କିନ୍ତୁ ତାକୁ listରେ ଉଠେଇଦେଇଚ ।

ମାଇକେଲ୍—What do you mean ? କଣ କହିଲ ?

ଜର୍ଜ—ହଁ, ସାର୍ !

Source: Author, Digitized by PPRACHIN, SOA

ମାଇକେଲ୍—You damn fool ! ସେଟାକୁ list ରେ ପୂରେଇବାକୁ ତମକୁ କିଏ କହିଲା ?

ଜର୍ଜ—ଜନ୍ ସବୁ ଜିନିଷ ମତେ ଦେଖେଇଦେଲା, ଆଉ ମୁଁ ଗୋଟି ଗୋଟି କରି list କରିଦେଲି ।

ମାଇକେଲ୍—You···ତମେ ବୁଝିପାରିବନି···you cannot. ଯାଅ ସେଇଟା କୋଉଠି ଅଛି ନେଇଆସ ।

ଜର୍ଜ—ଜନ୍ ! ଜନ୍ ! (ଜନ୍ ଭିତରୁ ଜବାବ ଦେଇଛି) Jesus Christ ଙ୍କର ସେଇ ମୂର୍ତ୍ତିଟା ନେଇଆସ ତ !

(ଜନ୍ ୩/୪ଟି ମୂର୍ତ୍ତି ନେଇ ଆସିଛି)

ମାଇକେଲ୍—You idiot !

ଜର୍ଜ—ତମକୁ ଏଇଗୁଡ଼ାକ ଆଣିବାକୁ କହିଲି ! ଯାଅ, ସେଇ ସୁନାମୂର୍ତ୍ତିଟା ନେଇଆସ । (ଜନ୍ ପ୍ରସ୍ଥାନ)

ମାଇକେଲ୍—ଏ ମୂଲ୍ୟବାନ ଜିନିଷର ଦାୟିତ୍ୱ ତମେ ନିଜେ ନ ନେଇ ଏ ପ୍ରକାର ଲୋକଙ୍କ ହାତରେ···No, No ହୁଏତ ଇମିତି ହବ, ଯେବେ ତୁମେ ଦେଖିବ, ସେ ମୂର୍ତ୍ତି ନାହିଁ କି ସେ ଲୋକ ବି ନାହିଁ ।

ଜର୍ଜ—ଜନ୍‌କୁ ଆପଣ ଜାଣିନାହାନ୍ତି, ସାର୍ ! He is very honest.

ମାଇକେଲ୍—ଆଉ ଯେ ଲୋକଙ୍କ ବିଷୟରେ ମତେ କୁହନି । ମୁଁ ଭଲଭାବେ ସମସ୍ତଙ୍କୁ ଚିହ୍ନିନେଇଛି । ଆଚ୍ଛା, ମୂର୍ତ୍ତିଟାର ଓଜନ କେତେ ହବ ?

ଜର୍ଜ—ଠିକ୍ କହିପାରିବନି, ସାର୍ ! ତେବେ ତିନି କିଲୋରୁ କମ୍ ନୁହେଁ ।

ମାଇକେଲ୍—Is it ? ତିନି କିଲୋ ! ଆଚ୍ଛା, ଦେଖ ସେ କୁଆଡ଼େ ଗଲା ।

(ଜନ୍ ମୂର୍ତ୍ତି ନେଇ ଆସିଛି)

ମାଇକେଲ୍—(ମୂର୍ତ୍ତିଟି ଧରି) Pure gold···yes ତିନିକିଲୋ···ନା, ନା, ବେଶୀ ହବ । (ଜନ୍‌କୁ) ତୁମେ ଏଠି କାହିଁକି ? (ଜନ୍ ଯାଉଥିଲା) ଶୁଣ !

Source: Author, Digitized by PPRACHIN, SOA

ଚର୍ଚ୍ଚର ମୂଲ୍ୟବାନ ଜିନଷ ଉପରେ ତୁମେ ଆଉ ହାତ ଦବନ ! ଯାଅ ।
(ଜନ୍ ଗୁଲିଯାଇଚ) ହଁ, ଏଥର ସେ list ଟି ଦେଖି...

ଜର୍ଜ—ଏଇ, ସାର୍ !

ମାଇକେଲ୍—ଆଚ୍ଛା, ଏ listର କୌଣସି copy Headquartersକୁ ପଠାଇନାହଁ ତ ?

ଜର୍ଜ—ନା, ସାର୍ !

ମାଇକେଲ୍—O.K...ତେବେ, you see, (list ଦେଖାଇ)ଏଇ itemକୁ listରୁ ପୂରା କାଟିଦିଅ ।

ଜର୍ଜ—ସାର୍ ?

ମାଇକେଲ୍—ହଁ,ମୋ ଉପସ୍ଥିତିରେ ଏକଥା କରାହେଇଚ ବୋଲି ମୁଁ ଲେଖିଦେବି ।

ଜର୍ଜ—କିନ୍ତୁ...ସାର୍, ଏ ମୂର୍ତ୍ତିଟି...

ମାଇକେଲ୍—ଆମେ ନେଇଯିବା । It will be ours.

ଜର୍ଜ—ସାର୍, ମୋର ତ ଏ ସବୁରେ ବିଶ୍ୱାସ ନାହିଁ । ଆଉ ଆପଣ...

ମାଇକେଲ୍—Oh, no...no...ମୁଁ ତାକୁ ପୂଜା କରିବାକୁ ନଉନି ।

ଜର୍ଜ—ତେବେ ସାର୍ ?

ମାଇକେଲ୍—Oh you...ତମେ କିଛି ବୁଝୁ...You know g...It is gold, and I want gold...only gold, not Jesus Christ. ହାଃ...ହାଃ...Don't worry my boy, ତୁମର ବି ଏଥିରେ share ଅଛି । Yes, come on, ବୁଦ୍ଧୁ, ଏ କ୍ରସ୍‌ଟା ତୁମର ଆଉ ଏ ମୂର୍ତ୍ତିଟା ମୋର । କଣ ଶୁଣ ?

ଜର୍ଜ—ସାର୍, ଏ ସବୁ ନେଇ କଣ କରିବା ?

ମାଇକେଲ୍—You are useless. ସୁନା କାହାର ଦରକାର ନାହିଁ ? ଠଙ୍କା କିଏ ଛାଡ଼େନ ?

Source: Author, Digitized by PPRACHIN, SOA

ଜର୍କ—କିନ୍ତୁ ସାର୍, ଏସବୁ ଯେ ଜାତୀୟକରଣ କରିନିଆହେଉଛି ।

ମାଇକେଲ୍—Damn your ଜାତୀୟକରଣ ! ଆଉ ପୁଣି କାହାର ଦରକାର ନାହିଁ ! ଏ ସବୁ ସାହାଯ୍ୟରେ ମୋତେ ଏ ସମାଜରେ ତମେ ସବୁ କିଣିପାରିବନି ଆଜି, ତମେ ପରି ଜଣେ ସାମାନ୍ୟ କର୍ମୀ । କାଲି ପୁଣି ହୁଏତ ଚେୟାରମ୍ୟାନ ହେଇପାର ।

ଜର୍କ—ସାର୍, Party, Policy···

ମାଇକେଲ—Hell with your party and policy ! ତୁମ ମୁଣ୍ଡରେ ଭୂତ ପଶିଚି, ଦେଖୁଚ । ଦେଖିପାରୁନ ପାର୍ଟିର ଅନ୍ୟ ନେତାମାନେ କଣ କରୁଛନ୍ତି ? ଜାତୀୟକରଣ ନାଆଁରେ ଶୃଙ୍ଖଳିତ ସଂଗଠିତ ଦୁର୍ନୀତି । ପୁଞ୍ଜିବାଦ ଦୂର କରିବାପାଇଁ ପୁଞ୍ଜିପତିମାନଙ୍କ ବଣ୍ଟାଖଣ୍ଡରେ କୋଟିକୋଟି ଦିଆ-ହେଉଚି । କିନ୍ତୁ ସେମାନଙ୍କର property···bank balance ସବୁ କୁଆଡ଼େ ଗଲା ? ଯାଅ ଦେଖିବ, ସେଗୁଡ଼ିକ ଠୁଳ ହେଉଛି ଆମରି ଦଳର ବଡ଼ ବଡ଼ ନେତାମାନଙ୍କ ଘରେ ।

ଜର୍କ—ତେବେ ଆମ ନୀତି, ନିୟମ, ସ୍ଲୋଗାନ ?

ମାଇକେଲ୍—ହାଃ···ହାଃ···ସ୍ଲୋଗାନ ଖାଲି ସ୍ଲୋଗାନ ।

ଜର୍କ—ନା, ସାର୍ ! Impossible ! ଉକ୍ତ କ୍ରମ ଯନ୍ତ୍ରମାନ କରି ଗଣତନ୍ତ୍ରକୁ ଭାଙ୍ଗିବାର ଅର୍ଥ କଣ ଏବେ ?

ମାଇକେଲ୍—You are still a child. ଗଣତନ୍ତ୍ର ଭଙ୍ଗା ହେଲେ ଆମରି ପାର୍ଟି । ମସୀଷ ଚନ୍ଦନ ମିଶିଣ । ଦଳେ ଗାଦିରେ ବସି ଶାସନ କରିବେ, ଆଉ ଦଳେ ବାହାରେ ରହି ସାଧାରଣ ଜନତାଙ୍କୁ କହିବେ—ଏମାନେ ଦୁର୍ନୀତିଗ୍ରସ୍ତ···ଏମାନେ ଲୁଟିନେଉଛନ୍ତି···ଏମାନଙ୍କୁ ଗାଦିରୁ ହଟେଇଦିଅ । ସେମାନେ ହଟିଯିବେ । ଆଉ ଶାସନ ଦଖଲ କରିବେ ଯେଉଁମାନେ ଚିତ୍କାର କରୁଥିଲେ । ସେମାନେ ଚାହିଁବେ ଚିରଦିନ ତାଙ୍କ ହାତମୁଠାରେ ଶାସନ ରହୁ । This is the eternal game.

ଜର୍କ—ନା, ମୁଁ କିନ୍ତୁ ଏଇ ମନୋଭାବ ନେଇ ଏଠାକୁ ଆସିନାହିଁ । ଗଣତନ୍ତ୍ର ଶାସନର ଦୁର୍ନୀତି ଦେଖି ମୋ ମନ ବଡ଼ାକୁ ହେଉଁଛି ଉଠିଥିଲା । ସବୁବେଳେ,

Source: Author, Digitized by PPRACHIN, SOA

ଝିଟିପିଆ, ସାଧାରଣ ମଣିଷଙ୍କ ପାଇଁ ଏ ଶାସନ ନୁହେଁ । ଅନ୍ଧ ନିମୋଡ଼ି ଚକ୍ଷୁଜି କରି ଉଠିଥିଲ—ମୁକ୍ତି···ମୁକ୍ତି···ମୁକ୍ତି ।

ମାଇକେଲ—ହାଃ ହାଃ···ଏଇ ତ ସେ ମୁକ୍ତି । ଉପଭୋଗ କର । ସମସ୍ତ ଅର୍ଥ ଥାଉ ନିଜର ଆସନ ସୁଦୃଢ଼ କର ।

ଜର୍ଜ—ନା, ସେ ମହାନ୍ ଆଦର୍ଶକୁ ସାମାନ୍ୟ ବ୍ୟକ୍ତିଗତ ସ୍ୱାର୍ଥପାଇଁ ମୁଁ କଳୁଷିତ କରିପାରିବିନି । ନା, ମୁଁ ପାରିବିନି ।

ମାଇକେଲ—କଣ ପାରିବନି ?

ଜର୍ଜ—ଏ ମୂର୍ତ୍ତି ମୁଁ ଆପଣଙ୍କୁ ଦେଇପାରିବିନି । (ଫୋନ୍ ପାଖକୁ ଅଗେଇଚ)

ମାଇକେଲ—(ଫୋନ୍‌କୁ ଧରିପକେଇ) ହାଃ···ହାଃ···କଣ ଫୋନ୍ କରିବ ? Headquarters କୁ ଜଣେଇବ ? You know ସେଥିରେ ସେମାନଙ୍କର ମଧ୍ୟ share ଅଛି ।

ଜର୍ଜ—ସେମାନଙ୍କର share ଅଛି ! ଓଃ ମାଇନେ, ସମସ୍ତେ ଦୁର୍ନୀତିଗ୍ରସ୍ତ

ମାଇକେଲ—ହଃ ହଃ···(ହସିକି ବଢ଼େଇ) କଣ କମ୍ ହେଲା ? ଠିକ୍ ଅଛୁ, ତମେ ଏ ମୂର୍ତ୍ତି ନେଇଯାଅ । ମୁଁ ଏ ବସ୍ତୀ ନବାକୁ ରାଜି ଅଛି । କିନ୍ତୁ ମୋ ଠାଏ ସର୍ତ୍ତରେ ମନ୍ଦିରର ମାଟିତଳେ ପୋତା ହୋଇଥିବା ସମସ୍ତ ମୂଲ୍ୟବାନ ଅଳଙ୍କାର ମୋର ହେବ ।

ଜର୍ଜ—ମୂଲ୍ୟବାନ ଅଳଙ୍କାର, ମାଟିତଳେ !

ମାଇକେଲ—ହଁ, ପାଇଲନ୍ ମତେ ସବୁ କହିଚ । ହେତୁତ କ ସେ ବୁଢ଼ା ପ୍ରିଷ୍ଟ ଅମାପ୍ ମାଟିତଳେ ପୋତି ରଖିଚ ।

ଜର୍ଜ—ନା, ମୁଁ ବିଦ୍ରୋହ କରିବି !

ମାଇକେଲ—ବିଦ୍ରୋହ ! ଯାହାକୁ ନିଜେ ଗଢ଼ିଲ ତା'ର ବିରୁଦ୍ଧରେ ?

ଜର୍ଜ—ହଁ, ଆମେ ଗଢ଼ିଥିବା ଅନୁଷ୍ଠାନର ଲକ୍ଷ୍ୟ ଯଦି ଏଇଆ ହୁଏ ତା'ହେଲେ ତାକୁ ମୂଳପୋଛ କରିଦେବା ଉଚିତ ।

ମାଇକେଲ—କଣ, ତୁମେ ଏକା ?

Source: Author, Digitized by PPRACHIN, SOA

ଜର୍ଜ—ହଁ, ମୁଁ ଏକା । ମୁଁ ଏକା ବିଦ୍ରୋହ କରିବି । ଚିତ୍କାର କରି କହିବି···
(ଫୋନ୍ କରିବାକୁ ଆଗେଇଗଲା)

ମାଇକେଲ୍—(ରିଭଲଭର ଦେଖାଇ) ବନ୍ଦକର ଜର୍ଜ ! ଟେଲିଫୋନ୍ ରଖିଦିଅ । Down the receiver,I say ! (ଜର୍ଜ ଫୋନ୍ ରଖିଚି । ମାଇକେଲ୍ ରିସିଭର ଧରି) Give me Headquarters please···I am କର୍ଣ୍ଣେଲ ମାଇକେଲ speaking. କ୍ୟାପ୍‌ଟେନ୍ ଜର୍ଜ ବିଶ୍ୱାସଘାତକତା କରିଚି । ସେ ସ୍ୱାମୂର୍ତ୍ତିଟା ନେଇ ଦେଶ ଛାଡ଼ି ଚାଲିଯାଉଥିଲା । ମୁଁ ତାକୁ ଅଟେକେଇଚି । Yes, yes, ମୁଁ ତାକୁ ନେଇଯାଉଚି । O.K. (ଫୋନ୍ ରଖିଲା)

ଜର୍ଜ—You brute ! (ରାଗିଯାଇ ଆଗେଇଚି)

ମାଇକେଲ୍—Stop there ! ଚାଲ, ସେଇଠି ବିଦ୍ରୋହ କରିବ । ଛାତି ଫଟେଇ ଚିତ୍କାର କରିବ । Come on···proceed.

[ରିଭଲଭର ଦେଖାଇ ନେଲାବେଳେ ରବେକାର ଗୁଳିରେ ମାଇକେଲ ଚିତ୍କାର କରି ପଡ଼ିଯାଇଛି । ଜର୍ଜ ଧରିପକେଇ ତଳେ ଶୋଇଦେଇଛି]

ଜର୍ଜ—କର୍ଣ୍ଣେଲ ! କର୍ଣ୍ଣେଲ ! କର୍ଣ୍ଣେଲ ମାଇକେଲଙ୍କୁ କିଏ ଗୁଳିକଲା ?

[ବ୍ୟସ୍ତ ହୋଇ ଏପଟ ସେପଟ ଖୋଜି ଫୋନ ଉଠାଇଲାବେଳକୁ ପଛପଟୁ ରବେକା ଜର୍ଜ ପିଠିରେ ପିସ୍ତଲ ଲଗେଇ]

ରବେକା—ବନ୍ଦକର,ଜର୍ଜ ! ଟେଲିଫୋନ ରଖିଦିଅ । ନ ହେଲେ ତୁମର ମୁଣ୍ଡଟାକୁ ଉଡ଼େଇଦେବି । Down the receiver,I say ! ସିଧା ଠିଆହୁଅ ।

ଜର୍ଜ—(ଭୟରେ) କିଏ ତୁମେ ?

ରବେକା—ମୁଁ ଏ ଦେଶର ନିଃସ୍ୱ ଜନତା । ମୁଁ ଏ ଦେଶର ଅସନ୍ତୋଷର ଅଗ୍ନିଶିଖା । ମୁଁ ଏଦେଶର ବନ୍ଧୁକ ନଳୀଭିତରେ ପୁଞ୍ଜୀଭୂତ ଶକ୍ତିର ସାନ୍ତ୍ୱନା

Source: Author, Digitized by PPRACHIN, SOA

ଶାନ୍ତିର ମହାନ୍ ନମୁନା । ମୁଁ ଏ ଦେଶର ଝିଅ । ମୁଁ ଏ ଦେଶର ଗୌରବାନ୍ୱିତା ମାଆ । ମୁଁ ନିଜେ ଏଇ ଦେଖିଛି, ଯାହାର ପବିତ୍ର ଗୃହ ଉପରେ ଠିଆ ହୋଇ ଏତେଦିନ ଧରି ତମେ ନରପିଶାଚର ଦଳ, କୁକ୍କୁର-ଠାରୁ ହୀନ ପଶୁର ଦଳ ନିଜର ଭଗିନୀ, ନିଜର କନ୍ୟା ଏପରିକି ନିଜର ମାଆ ଉପରେ ମଧ୍ୟ ପାଶବିକ ଅତ୍ୟାଚାର କରିଗଲ ।

ଜର୍ଜ—Oh God !

ରବେକା—ହୁଁ-ହୁଁ-ହୁଁ, ତୁମ ମୁହଁରେ ପ୍ରଭୁଙ୍କ ଡାକ ! ଚମତ୍କାର କିନ୍ତୁ ଶୁଭୁଛି । ମୁଁ ତ ଦେଖୁଛି, ତୁମ କମାଣ୍ଡର ମାଇକେଲ ପ୍ରଭୁଙ୍କ ଶିକ୍ଷା ତମେ କାଣିଚାଏ ବି ହାସଲ କରିପାରିନ । Indoctrination ତମର ଜମା କିଛି ହୋଇନି । କିନ୍ତୁ ମୁଁ ତ ଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରିଛି । ସେ ମୋର ନେତା, ସେ ମୋର ଶାସକ, ସେ ମୋର ଆଦର୍ଶ, ସେ ମୋର ପଥଦେବତା, ସେ ମୋର ସନ୍ତାନର ପିତା । ସେଇ କହିଥିଲେ ନା···ଲକ୍ଷଲକ୍ଷ କୋଟି-କୋଟି ଏପରିକି ପୃଥିବୀର ଅଧାରୁ ଅଧିକ ଲୋକ ମରିଗଲେ ବି ଆମର କିଛି ଯାଏ ଆସେନା ? ବାକି ଯେ କେଇଜଣ ବଞ୍ଚିରହିବେ ସେଇମାନେ ଉପଭୋଗ କରିବେ ପ୍ରକୃତ ସ୍ୱାଧୀନତା । Theory of elimination···(ହସିଛି)

ଜର୍ଜ—କିନ୍ତୁ ତାଙ୍କୁ ତୁମେ ମାରିଲ କାହିଁକି ?

ରବେକା—ଚୁପ୍ ! Stupid ! ମୁଁ ତାଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରିଛି । ଆରେ ଜର୍ଜ ! ଗୋଟାଏ କଥା ତ ତାଙ୍କର ପାଳନ କର । ଚାଲ, ତାଙ୍କ ଶବ ପାଖକୁ ଚାଲ ।

ଜର୍ଜ—କାହିଁକି ?

ରବେକା—ଚୂପ୍‌କରି ଚାଲ । ସେଇ କହିଥିଲେ, ମରିବା ଲୋକ ମଧ୍ୟ ପାଟି ନ ଖୋଲି ମରିବେ । ଅବଶ୍ୟ ମାଇକେଲ୍ ସାହେବ ଆମର ମଲାବେଳେ ବହୁତ ପାଟି କଲେ । ସେଇ କହିଥିଲେ, ଏହିପରି ଲକ୍ଷଲକ୍ଷ ଲୋକ ମରିଗଲେ ସେମାନଙ୍କର ଶବଗୁଡ଼ାକୁ ଯେଉଁମାନେ dispose କରିବେ ସେମାନେ ମଧ୍ୟ ପାଟି ନ ଖୋଲି ସେ କାମ କରିପିବେ । ଖୁବ୍ ଜୋର ସେମାନେ

Source: Author, Digitized by PPRACHIN, SOA

କହିପାରନ୍ତି···କଣ ? କୁହ ଜର୍ଜ ! ସେଇ ଗୋଟିଏ କଥା—ଏଇଆ ନା··ଏଇଆ !

ଜର୍ଜ—କିଏ ତୁମେ ?

ରେବେକା—ଟିକିଏ ମୁହଁ ଫେରାଇ ଦେଖନା !

ଜର୍ଜ—କିଏ ?

ରେବେକା—Theory of elimination. ହାଃ···ହାଃ···

ଜର୍ଜ—ରେବେକା ! !

ରେବେକା—ହଁ, ରେବେକା ! ଯାହା ସାଙ୍ଗରେ ମିଶି ପିଲାଦିନେ ତୁମେ ଏଇ ଚର୍ଚ୍ଚ ବଗିଚାରୁ ଫୁଲ ତୋଳୁଥିଲ, ଗୀର୍ଜାର ଘଣ୍ଟା ବଜାଉଥିଲ, ଏକା ସାଙ୍ଗରେ ଗୀତ ଗାଇ ପ୍ରଭୁ ଯୀଶୁଙ୍କ ପ୍ରାର୍ଥନା କରୁଥିଲ···ସେଇ ରେବେକା । ଯାହାକୁ ଏଇ-କିଛିଦିନ ତଳେ ତୁମ ବନ୍ଧୁ ସେଇ ନରପିଶାଚ ମାଇକେଲର ହୁକୁମରେ ଏଇ କୋଠରୀ ଭିତରେ ଜୋର କରି ବନ୍ଦ କଲ । ତା ପରେ ମାଇକେଲର ଅତ୍ୟାଚାରରେ ତୁମର ଭଉଣୀ ରେବେକାକୁ ମା' ହବାର ସୌଭାଗ୍ୟ ମିଳିଲା··· you bastard ଜର୍ଜ ! (ଜନ୍‌ର ପ୍ରବେଶ)

ଜର୍ଜ—(କାନ୍ଦି) ରେବେକା ! ମତେ ତମେ କ୍ଷମା କର, ରେବେକା ! ସେଦିନ ତମ ଜୀବନରେ ଯେଉଁ ଦୁର୍ଦ୍ଦିନ ପଡ଼ିଲା ମୁଁ ଦାୟୀ ନୁହେଁ, ମୁଁ ଦୋଷୀ । ତମ ଭଲପାଇବାରେ ଆହୁରି ଶୁଣ ଏବେ । ମାଇକେଲକୁ ତୁମେ ଯେଉଁ ଅପମୃତ୍ୟୁ ଘଟାଇ ମାରିଲ ମୁଁ ବି ଠିକ୍ ସେଇ ଅପରାଧରେ ଦୋଷୀ । ହଁ, ମତେ ବି ଶେଷକରିଦିଅ ।

ଜନ୍—ନା, ଆଜି ଆଉ କାହା ଭିତରେ ଗୁଳି ବାଜିବ ନୁହେଁ । ତୁମ ଦୁହିଁଙ୍କୁ ବଞ୍ଚିବାକୁ ପଡ଼ିବ । ଏ କଥା ଯେତିକି ନୁହେଁ···ଯେଉଁ କାହାଣୀ ତୁମେ ଏଠି କହିଦେଲ, ସେଇ କାହାଣୀ, ସେଇ ଅନୁଭୂତି ଆଉ ସେଇ ନିର୍ଦ୍ଦୋଷ ବାପୁଡ଼ିର ଶେଷ ପରିଣତି ଗ୍ରାମେ ଗ୍ରାମେ, ଦେଶେ ଦେଶେ ସମସ୍ତଙ୍କ ଆଗରେ କହିବାକୁ ପଡ଼ିବ ।

ରେବେକା—ହାଃ-ହାଃ-ହାଃ ! କି preaching, କି ସରମନ୍, କି ଖ୍ରୀଷ୍ଟୀୟ ଉପଦେଶ ! କୋଉଠି ଥିଲା ସେଦିନ ତୁମର ଏ ଦେଶଭକ୍ତି ଯେଉଁଦିନ ମୁଁ

Source: Author, Digitized by PPRACHIN, SOA

୮୦

ତୁମକୁ ହାତ ଉପରେ ହାତ ରଖି ଆଗେଇଯିବାକୁ ଆହ୍ୱାନ ଦେଇଥିଲି ? କେଉଁଠି ଥିଲା ତୁମର ଏ ପୁରୁଷପୁଙ୍ଗବ ଜ୍ୱାଳାମୁଖୀ ଲେକଚର ? Mr. John, the coward, ଅଉ ଏ ପଟେ ଦେଖ George, the bastard. ମୋ ଆଖିରେ ତମେ ଦୁହେଁଯାକ ମଣିଷ ନୁହଁ, ପଶୁ । ଯେଉଁମାନେ ଅନ୍ୟାୟର ପ୍ରତିବାଦ କରିପାରିବେନି…ଯେଉଁମାନେ ସତ୍ୟର ରକ୍ଷା କରି ପାରିବେନି…ଯେଉଁମାନେ ନିଜର ମା, ଭଉଣୀଙ୍କ ଉପରେ ପାଶବିକ ଅତ୍ୟାଚାର ଚାଲିଥିଲାବେଳେ ନୀରବ ଦ୍ରଷ୍ଟା ଭଳି ଠିଆ ହୋଇଥିବେ…ସେମାନେ ପୁରୁଷ ନୁହନ୍ତି । ସେମାନେ ଭୀରୁ, କାପୁରୁଷ, ନାରୀଠୁ ବି ଅଧିକ ଦୁର୍ବଳ…cowards.

ଜର୍ଜ—ନା ରେବେକା, ମୁଁ coward ନୁହେଁ, ମୁଁ ଭୀରୁ ନୁହେଁ । ମୁଁ ଏ ଦେଶର ଯୁବକ । ଯୁବକଙ୍କର କଳଙ୍କ ନମୁନା; କିନ୍ତୁ misguided, misled… ପଥଭ୍ରଷ୍ଟ । ମୁଁ ଆଜି ମୋର ଭୁଲ ବୁଝିପାରୁଛି, ରେବେକା ! ମୋ ଆଖିରୁ ପରଦା ହଟିଯାଇଛି । ଆଜି ସ୍ପଷ୍ଟ ଦେଖିପାରୁଛି ପ୍ରକୃତ ସ୍ୱାଧୀନତାର କଳଙ୍କ ଆମେ କି । ଲକ୍ଷକୋଟି ବନ୍ଧୁକ ନଳୀର ପୁଞ୍ଜୀଭୂତ ଶକ୍ତି ମୋର ପ୍ରତିରୋଧ କରିପାରିବନି । ସାମାନ୍ୟ କେତେକ ସୁବିଧାବାଦୀ, ଦୁର୍ନୀତିଗ୍ରସ୍ତ, self-centred politicians ମତେ ଚିରଦିନ ଠକିଦେଇପାରିବେନି । ମୋ ସାଙ୍ଗରେ ହାତ ମିଶାଅ ରେବେକା…ମତେ ସାହାଯ୍ୟ କର । ମୁଁ ମୋ ଦେଶର ଯୁବଶକ୍ତିକୁ ଭ୍ରାନ୍ତପଥରୁ ଫେରେଇଆଣି ସତ୍ୟପଥରେ ପରିଚାଳିତ କରିବି । ମୁଁ ହେବି ସେମାନଙ୍କର ପ୍ରେରଣାର ଉତ୍ସ । ମୁଁ ହେବି ସେମାନଙ୍କର ଦିଗ୍‌ଦର୍ଶନୀ । ହାତ ମିଶାଅ, ରେବେକା ।

ରେବେକା—(ହାତ ମିଶାଇ) ଲୁଇ ଜନ୍ ! ତମର ଏ କ୍ଷେତ୍ରରେ କିଛି କର୍ତ୍ତବ୍ୟ ଅଛି କି ନାହିଁ ?

ଜନ୍—ତୁମର ଏ ଉଚ୍ଛୃଙ୍ଖଳତା ମୋ ପକ୍ଷରେ ମୂଲ୍ୟହୀନ, ରେବେକା ! ମୁଁ ପ୍ରଭୁ ଯୀଶୁଙ୍କ ସେବକ । ତାଙ୍କ ସାମନାରେ ଏ ପୃଥିବୀ ଇତିହାସରେ କୋଉ ଅନାଦି ଅନନ୍ତ କାଳରୁ ବହୁବାର ଉଚ୍ଛୃଙ୍ଖଳତା, ବହୁପ୍ରକାର ଅଗ୍ନି ସ୍ଫୁଲିଙ୍ଗ, ବହୁପ୍ରକାର ପାଗଳାମି ହୋଇଛି । ମହାଭାରତ ଯୁଦ୍ଧ ବି ହୋଇଛି । ପ୍ରାଚୀନ ଗ୍ରୀକ୍, ବେବିଲନ ସଭ୍ୟତା ଭିତରେ ବି ବୀଭତ୍ସ କାଣ୍ଡ ଘଟିଚି ।

Source: Author, Digitized by PPRACHIN, SOA

ସମ୍ଭବ ରୋମାନ ସାମ୍ରାଜ୍ୟର ଜୁଲିଅସ ସିଜରଙ୍କଠାରୁ ଆରମ୍ଭ କରି ଆଲେକଜାଣ୍ଡର, ଚେଙ୍ଗିଜ ଖାଁ, ନେପୋଲିଅନ ବୋନାପାର୍ଟ ମଧ୍ୟଦେଇ American civil war, French revolution, Russian ବୋଲ୍‌ସେଭିକ ବିପ୍ଳବ—ଅନେକ କିଛି କୋଳାହଳ ଏ ପୃଥିବୀରେ ମନୁଷ୍ୟ-ନାମଧେୟ ପ୍ରାଣୀ କରିଆସିଛି । ବର୍ତ୍ତମାନ ଶେଷରେ ଶାନ୍ତିପୂର୍ଣ୍ଣ ଯୁଦ୍ଧ । Cold war—ଯାହାର ଆକ୍ଷରିକ ଅର୍ଥ ହେବ ଥଣ୍ଡା ଯୁଦ୍ଧ, ଏଇ ମସ୍ତିଷ୍କ ବିକୃତିରେ ବ୍ୟାପ୍ତ ରହିଛି । ଏଇ ବର୍ତ୍ତମାନ ଆମ ଦେଶର ଅବସ୍ଥା ପରି ଅବସ୍ଥା କଙ୍ଗୋରେ ହେଉଛି । । ଏଇ ମଣିଷର ଶିକାର ହେଉଛନ୍ତି ଆଉ ଲକ୍ଷଲକ୍ଷ ମଣିଷ ଏଇ କିଛିଦିନ ତଳେ ବାଏଫ୍ରାରେ । କଳା ମହାଦେଶରେ ଗୁଳିଚ ଗୋରାମାନଙ୍କର ତାଣ୍ଡବ ନୃତ୍ୟ । ଲୋହିତ ମହାଦେଶ ନିକଟରେ ଭିଏତ୍‌ନାମ, ଲାଓସ୍, କାମ୍ବୋଡ଼ିଆରେ ଏଇ ମଣିଷକୃତ ନାଟକର ଶେଷ ଅଙ୍କ ସରିବାକୁ ଆହୁରି ବାକି ଅଛି । କିନ୍ତୁ ଏଇ ମଣିଷ ସବୁ ଯୁଗରେ, ସବୁ କୋଳାହଳ ପରେ ଟିକିଏ ଶାନ୍ତି ପାଇବାକୁ ଫେରିଆସିଛି ଗୀର୍ଜାକୁ, ମନ୍ଦିରକୁ, ମସଜିଦ୍‌କୁ, ସେଇ ପରମ ପବିତ୍ର ପ୍ରଭୁଙ୍କ ଚରଣ ତଳକୁ । Always God will prevail and will prevail over everything. ତେଣୁ ମୁଁ ପ୍ରଭୁଙ୍କୁ ନିବେଦନ କରୁଛି ତୁମର ଯାତ୍ରାରେ ତୁମେ ଶାନ୍ତି ପାଅ ।

ରେବେକା—ତୁମର ସାଧୁ ଉପଦେଶ ପାଇଁ ଧନ୍ୟବାଦ । (ଯୀଶୁଙ୍କ ସ୍ଥାନରେ ଥିବା ବନ୍ଧୁକ ଦୁଇଟି ଆଣି ଗୋଟିଏ ଜର୍ଜଙ୍କୁ ବଢ଼େଇଦେଲା ଏବଂ ଅନ୍ୟଟି ନିଜେ ଧରି) ଗୁଳି ଜର୍ଜ ! କାହାର ପ୍ରଳାପ ଶୁଣିବାକୁ ମୋର ଆଉ ଧୈର୍ଯ୍ୟ ନାହିଁ ।

(ଦୁହେଁ ଆଗେଇଲାବେଳକୁ ପରଦା ନଇଁଆସିଛି)

ସ ମା ପ୍ତ

Source: Author, Digitized by PPRACHIN, SOA

ସାଥୀ ପକେଟ୍ ବୁକ୍ ସିରିଜ

ପ୍ରକାଶିତ ଏକାଙ୍କା ପତ୍ନୀର ପଢ଼ିବା

ନର୍ବିଶଙ୍କ	ଜାହ୍ନୁଚରଣ ମହାନ୍ତି
ମଙ୍ଗଳସୂତ୍ର	ଭଗୀରଥ ନେପାକ
ମିସ୍ ମିଲେ	ଅକ୍ଷୟକୁମାର ମହାନ୍ତି
ଶ୍ୱେତାଲୀନା	ଯୋଗୀନ୍ଦ୍ର ପଟ୍ଟନାୟକ
ନର୍କ ଆଡ଼କୁ	ଶ୍ରୀବାସ ରାୟ
କିଏ ଆପଣାର	ପ୍ରଫୁଲ୍ଲ ନାୟକ
ରଞ୍ଜନାର ହତ୍ୟା	ପଦ୍ମଚରଣ ମିଶ୍ର
କାହା ପାଇଁ ଆଉ	ଅକ୍ଷୟକୁମାର ମହାନ୍ତି
କିଏ ହତ୍ୟାକାରୀ	ରମେଶଚନ୍ଦ୍ର ମିଶ୍ର
ପଡ଼ିଯିବ କି ଆଉ	ପ୍ରଫୁଲ୍ଲ ନାୟକ
ଇସ୍କାପାନ୍ ବିବି	ଯୋଗୀନ୍ଦ୍ର ପଟ୍ଟନାୟକ
ମନ ଦେଇ ଯେବେ	ବ୍ରଜମୋହନ ଦାଶ
ଚମ୍ବଲର ମଣିଷବାଘ	ରମେଶଚନ୍ଦ୍ର ମିଶ୍ର
ନଲୋଫର ହଜାରିକା	ଅକ୍ଷୟକୁମାର ମହାନ୍ତି
ଜଗନ୍ନାଥଦେବଙ୍କ କୋଠି	ଯୋଗୀନ୍ଦ୍ର ପଟ୍ଟନାୟକ
ବର୍ଜନ ଦ୍ୱୀପର ଦସ୍ୟୁ	ପ୍ରମୋଦକିଶୋର ପଣ୍ଡା
କାଳଚକ୍ରର କ୍ୟାପସୁଲ୍	ପ୍ରମୋଦକିଶୋର ପଣ୍ଡା
ହସେ ଆଜି ଜହ୍ନରାତି	ବ୍ରଜମୋହନ ଦାଶ
ମାୟାଜାଲରେ ଜାସୁ (୧)	ଗିରିଧାରୀ ମହାରଣା
ମାୟାଜାଲରେ ଜାସୁ (୨)	ଗିରିଧାରୀ ମହାରଣା
ଚମ୍ବଲ ଉପତ୍ୟକାର ଦସ୍ୟୁ	ରାଜେନ୍ଦ୍ର ବର୍ମା
ନୀଳ ଆଲୋକରେ ହତ୍ୟା	ରମେଶଚନ୍ଦ୍ର ମିଶ୍ର
ଓଡ଼ିଶାର ମଣିଷଖିଆ ବାଘ	ଗଦାଧର ରାୟ
ଗୁପ୍ତକୋଠିର ଶେଷ ରହସ୍ୟ	ରମେଶଚନ୍ଦ୍ର ମିଶ୍ର
ଜେମ୍ସ ବଣ୍ଡ ଓ ନୀଳନୟନା	ଲକ୍ଷ୍ମୀନାରାୟଣ ମହାନ୍ତି

Source: Author, Digitized by PPRACHIN, SOA